# ଭଡ଼ା ବୃଦ୍ଧି ନ ହେଲେ ଗଡ଼ିବନି ଟ୍ରକ୍

**ଏନ୍‌ଟିପିସି ବଜାର ନିକଟରେ ଧାରଣା**
**ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ**

କଣିହାଁ,୫ ।୨(ସମିସ):

ଭଡ଼ା ବୃଦ୍ଧି ଦାବିରେ କଣିହାଁ ବ୍ଲକ ଅନ୍ତର୍ଗତ ଏନ୍‌ଟିପିସି ବଜାର ତେଲିସିଂହା ଛକରେ ମିଳିତ କ୍ରିୟାନୁଷ୍ଠାନ କମିଟି ଓ କଣିହାଁ ଟ୍ରକ ମାଲିକ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି । ଭଡ଼ା ବୃଦ୍ଧି ନ ହେଲେ ଟକ ଘୂରିବନି ବୋଲି ଟ୍ରକମାଲିସ ସଂଘ ଚେତାବନୀ ଦେଇଛି । ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି ।



ଟ୍ରକ ମାଲିକମାନଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ଭଡ଼ା ଅପରିବର୍ତ୍ତିତ ରହିଥିବା ବେଳେ ଡିଜେଲ ଦର, ଗାଡ଼ି ରକ୍ଷଣାବେକ୍ଷଣ ଓ ପରିଚାଳନା ଖର୍ଚ୍ଚ ବହୁଗୁଣ ବୃଦ୍ଧି ପାଇଛି । ଏହା ସହିତ ଏନ୍‌ଟିପିସି ପାଉଁଶ ପରିବହନ କାର୍ଯ୍ୟ ପୂର୍ବ ତୁଳନାରେ ପ୍ରାୟ ୪ ପ୍ରତିଶତ କମିଯାଇଥିବାରୁ ଟ୍ରକ ମାଲିକମାନେ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଛନ୍ତି । କମ ପରିବହନ, ବର୍ଦ୍ଧିତ ଖର୍ଚ୍ଚ ସାଙ୍ଗକୁ ଭଡ଼ା ବୃଦ୍ଧି ନ ହେବା ଟ୍ରକ ମାଲିକମାନଙ୍କ ପାଇଁ ବୋଝ ପାଲଟିଛି ।

ଧାରଣାରେ ସୁବୋଧ ପାଣି, ସତ୍ୟାନନ୍ଦ ସାହୁ, ଅକ୍ଷୟ ସାମଲ, ଗଣେଶ ସାହୁ, ଜୟସାହୁ, ରଞ୍ଜନ ପ୍ରଧାନ, ଲୋକନାଥ ବେହେରା, କୁମାର ପ୍ରଧାନ, କ୍ରିଷ୍ଣା ପରିଡ଼ାଙ୍କ ବହୁ ଟ୍ରକ ମାଲିକ ଓ ସଂଘ ସଦସ୍ୟ ଯୋଗଦେଇଛନ୍ତି । ଏ ସମ୍ପର୍କରେ ଟ୍ରକ ମାଲିକ ତଥା ବରିଷ୍ଠ ବିଜେପି ନେତା ସୁବୋଧ ପାଣି କହିଛନ୍ତି ଯ ବର୍ଷ ବର୍ଷ ଧରି ଟ୍ରକ ଭଡ଼ା ବୃଦ୍ଧି ହୋଇ ନ ଥିବା ବେଳେ ଡିଜେଲ ଓ ଅନ୍ୟାନ୍ୟ ଖର୍ଚ୍ଚ ଦୁଇଗୁଣ ହୋଇଗଲାଣି । ଏବେ ପାଉଁଶ ପରିବହନ ମଧ୍ୟ କମିଯାଇଛି । ଏଭଳି ସ୍ଥିତିରେ ଟ୍ରକ ଚଳାଇବା ଅସମ୍ଭବ ବୋଲି ପଡ଼ିଛି । ଶ୍ରମିକ ନେତା ସତ୍ୟାନନ୍ଦ ସାହୁ କହିଛନ୍ତି, ଭଡ଼ା ବୃଦ୍ଧି ନେଇ ବାରମ୍ବାର ଆଲୋଚନା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ କହିଛନ୍ତି । ଅକ୍ଷୟ ସାମଲ କହିଛନ୍ତି ଯେ କମ ପରିବହନ ଓ ଖର୍ଚ୍ଚ ବୃଦ୍ଧି ମଧ୍ୟରେ ଟ୍ରକ ମାଲିକମାନେ ଆର୍ଥିକ ସଙ୍କଟରେ ଅଛନ୍ତି । ଯଥୋଚିତ ଭଡ଼ା ଆମର ଅଧିକାର ବୋଲି ସେ କହିଛନ୍ତି ।

## ଏନଡିଆରଏଫ୍ ଟିମ୍‌ର ବିପର୍ଯ୍ୟୟ ସଚେତନତା ପ୍ରଦର୍ଶନ




**କଣିହାଁ,୫ ।୨(ସମିସ):** କଣିହାଁ ବ୍ଲକସ୍ଥିତ ଏନଟିପିସି ଟାଉନସିପରେ ଓଡ଼ିଶା ସରକାର ଏବଂ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବଳ (ଏନଡିଆରଏଫ୍) ତୃତୀୟ ବ୍ୟାଟାଲିୟନ୍, ମୁଣ୍ଡୁଳି ସହଯୋଗରେ ଟାଉନସିପ୍ ଅଡିଟୋରିୟମ୍‌ରେ ବୁଧବାର ବିପର୍ଯ୍ୟୟ ସଚେତନତା ଓ ପ୍ରସ୍ତୁତି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିରେ ଏନଟିପିସି କଣିହାଁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ନରସିଂହା ରେଡ୍ଡି, ଅନୁଗୋଳ ଜିଲ୍ଲା କାରଖାନା ଓ ବଏଲର୍ ବିଭାଗ ଉପନିର୍ଦ୍ଦେଶକ ଡ. ରମେଶ କୁମାର ବେହେରା, ସହକାରୀ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ମଲ୍ଲିକ ଓ ଜିଲ୍ଲା ଆପତକାଳୀନ ଅଧିକାରୀମାନେ ଯୋଗଦେଇଥିଲେ । ୩୦୦ରୁ ଅଧିକ ଏନଟିପିସି କର୍ମଚାରୀ, ସିଆଇଏସଏଫ୍ କର୍ମୀ, ୟୁନିଅନ ସଦସ୍ୟ, ବିଦ୍ୟାଳୟ ପ୍ରଧାନଶିକ୍ଷକ, ଛାତ୍ରଛାତ୍ରୀ, ସ୍ଥାନୀୟ ଗ୍ରାମବାସୀ, ଠିକା କର୍ମଚାରୀ ଓ ଟାଉନସିପ୍ ସୁରକ୍ଷା କର୍ମୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ଟିମ୍ ଦ୍ୱାରା ଭୂକମ୍ପ, ସଡ଼କ ଦୁର୍ଘଟଣା, ବନ୍ୟାଜଳରେ ବୁଡ଼ିବା, ସାପ କାମୁଡ଼ା ଓ ଅନ୍ୟାନ୍ୟ ଆପତକାଳୀନ ପରିସ୍ଥିତିରେ ଜୀବନ ରକ୍ଷା ପାଇଁ କରଣୀୟ ଓ ଅକରଣୀୟ ବିଷୟରେ ପ୍ରାୟୋଗିକ ଡେମୋ ପ୍ରଦର୍ଶନ କରାଯାଇଥିଲା । ଏନଡିଆରଏଫ୍ ଟିମ୍ କମାଣ୍ଡର ରାଜୀବ ଆଚାର୍ଯ୍ୟ ଅଂଶଗ୍ରହଣକାରୀଙ୍କୁ ବିପଦ ସମୟରେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରେଡ୍ଡି ଏନଡିଆରଏଫ୍ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇ ଏ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଭବିଷ୍ୟତରେ ବିପର୍ଯ୍ୟୟ ମୁକାବିଲା ପାଇଁ ଅତ୍ୟନ୍ତ ଉପକାରୀ ବୋଲି କହିଥିଲେ ।

## ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ

**ଆଠମଲ୍ଲିକ,୫ ।୨(ସମିସ):** ଆଠମଲ୍ଲିକ ତାଲୁକ ଆଇନସେବା କମିଟି ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଆଠମଲ୍ଲିକ ମହାବିଦ୍ୟାଳୟରେ ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର, ସମ୍ମାନିତ ଅତିଥିଭାବେ ସବ୍‌ଜଜ ଲିଙ୍କିପ୍ରିୟା ସାହୁ, ଜେଏମଏଫସି ଋତୁଶ୍ରୀ ମହାରଣା, ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ସରକାରୀ ଓକିଲ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଆଇନଜୀବୀ ଅସିତ ରଞ୍ଜନ ଦେଓ, କ୍ରିମିନାଲ କୋର୍ଟ ଓକିଲସଂଘ ସମ୍ପାଦକ ସୁଧାଂଶୁ ଶେଖର ବେହେରା, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ । ବାଲ୍ୟ ବିବାହକୁ ଆଇନରେ ନିଷିଦ୍ଧ କରାଯାଇଛି । ଏଥିପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିଥିବା ମୁଖ୍ୟଅତିଥି କହିଥିଲେ । ୧୮ ବର୍ଷରୁ କମ ବୟସ୍କ ଝିଅ ଓ ୨୧ ବର୍ଷରୁ କମ ବୟସ୍କ ପୁଅ ବିବାହ କରିବା ଦଣ୍ଡନୀୟ ଅପରାଧ । ନିଜେ ସଚେତନ ହେବାସହ ସାଙ୍ଗ ସାଥୀ ତଥା ପରିବାର ସଦସ୍ୟଙ୍କ ମଧ୍ୟରେ ଏହି ସଚେତନତା ବାର୍ତ୍ତା ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥି ସାହୁ ବାଲ୍ୟ ବିବାହ ନିଷେଧ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, ତାଲୁକ ଆଇନସେବା କମିଟି ସମ୍ପାଦକ ଅମିତ କୁମାର ନାୟକ, ସହଯୋଗୀ ସିଦ୍ଧାର୍ଥ ମହାନ୍ତି, ଶୁଭେନ୍ଦୁ ମୋହନ ସେଠୀ, ଗୋବିନ୍ଦ ମାର୍ଣ୍ଡି ଉପସ୍ଥିତ ଥିଲେ । ଓଡ଼ିଆ ଅଧ୍ୟାପକ ହୃଷୀକେଶ ମହାକୁଡ଼ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

## ଆଲୁମ୍‌ନି କମିଟି ଗଠନକୁ ହାତଗଣତି ଛାତ୍ର ଓ ଅଣଛାତ୍ରଙ୍କ ବିରୋଧ

**ଆଠମଲ୍ଲିକ,୫ ।୨(ସମିସ):** ୧୯୭୮ରୁ ଆରମ୍ଭ ହୋଇଛି ଆଠମଲ୍ଲିକ କଲେଜ । ଇତିମଧ୍ୟରେ ଦୀର୍ଘ ୪୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ବିଭିନ୍ନ ସମୟରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଆଲୁମ୍‌ନି ସଂଘ ଗଠନ ପାଇଁ ପ୍ରସ୍ତାବ ଆସିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରୁ ନ ଥିଲା । ୨୦୨୬ ଫେବୃଆରୀ ୧ରେ ଆଲୁମନି ସଂଘ ଗଠିତ ହୋଇଛି । ତେବେ ଏହି ଆଲୁମନି ସଂଘକୁ କିଛି ହାତଗଣତି ପୁରାତନ ଛାତ୍ର ଓ କଲେଜରେ ଅଧ୍ୟୟନ କରି ନ ଥିବା ଛାତ୍ର ବିରୋଧ କରିବା ଆରମ୍ଭ କରିଛନ୍ତି । ପ୍ରଥମେ ଆଲୁମନି ସଂଘ ଗଠନ ଓ ଏହି ସଂଗଠନର କାର୍ଯ୍ୟ କ'ଣ ତାହା ଜାଣିବା ନିତାନ୍ତ ଆବଶ୍ୟକ । ଯେହେତୁ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଆଲୁମନି ସଂଘ ଗଠନକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କୁ ପତ୍ରଳାପ ହୋଇଥିଲା, ସେଥିନେଇ କଲେଜ କର୍ତ୍ତୃପକ୍ଷ ପ୍ରଥମେ ଏହି ଆଲୁମନି ସଂଘ ଗଠନ ପାଇଁ ପଦକ୍ଷେପ ନେଇଥିଲେ । ଆଲୁମନି ସଂଗଠନର କାର୍ଯ୍ୟ ହେଲା ପ୍ରତିଷ୍ଠାଠାରୁ କଲେଜରେ ଅଧ୍ୟୟନ କରିଥିବା ହଜାର ହଜାର ପୁରାତନ ଛାତ୍ରଛାତ୍ରୀଙ୍କୁ ସଂଘରେ ସାମିଲ କରି କଲେଜର ସମସ୍ୟା କିଭଳି ସମାଧାନ କରାଯାଇ ପାରିବ ସେନେଇ ପ୍ରୟାସ କରିବା । ପ୍ରତେକ ଛାତ୍ରଛାତ୍ରୀ ନିଜ ତରଫରୁ ଏହି ସଂଘକୁ କିଛି କିଛି ଆର୍ଥିକ ସାହାଯ୍ୟ କରିବେ । ସଂଘ ଯେଉଁ ଆର୍ଥିକ ସାହାଯ୍ୟ କଲେଜକୁ ପ୍ରଦାନ କରିବ, କଲେଜ ତାକୁ ସରକାରଙ୍କୁ ଅବଗତ କଲେ ସରକାର ଆଲୁମ୍‌ନି ସଂଘ ପ୍ରଦାନ କରିଥିବା ଅର୍ଥର ଦୁଇଗୁଣା ଅର୍ଥ ପ୍ରଦାନ କରିବା ବ୍ୟବସ୍ଥା ରହିଛି । ସେହି ଅର୍ଥରେ କଲେଜରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ ହୋଇପାରିବ । ଏନେଇ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଅବଗତ ହେବା ଆବଶ୍ୟକ । ନୂତନ ଭାବେ ଗଠିତ ଆଲୁମନି ସଂଘ ବର୍ତ୍ତମାନ କେତେ ପୁରାତନ ଛାତ୍ରଛାତ୍ରୀଙ୍କୁ ସଂଘରେ ଯୋଡ଼ି କେତେ ଆର୍ଥିକ ସାହାଯ୍ୟ ଯୋଗାଡ଼ କରି କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିପାରିବ ତାହା ଦେଖିବାକୁ ବାକି ରହିଲା । ଆଲୁମନି ସଂଘର କାର୍ଯ୍ୟକାରିତା ବିଷୟରେ ସମ୍ପୂର୍ଣ୍ଣ ଅବଗତ ନ ହୋଇ କିଛି ହାତଗଣତି ଛାତ୍ର ଓ ଅଣଛାତ୍ର ଏହାକୁ ରାଜନୀତିକରଣ କରିବାକୁ ଚେଷ୍ଟା କରି କଲେଜ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିବା ସହ ଏହି ସଂଗଠନକୁ ବିରୋଧ କରୁଥିବା ଦେଖାଯାଇଛି । ଏଭଳି ବ୍ୟକ୍ତିବିଶେଷ କଲେଜ ସ୍ୱାର୍ଥକୁ ବଳି ଦେଇ ଓଲଟା ଆଠମଲ୍ଲିକ କଲେଜ ନାଁରେ ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବିଭିନ୍ନ କୁତ୍ସାରଟନା କରିବାକୁ ପଛାଉନାହାନ୍ତି । ଏମାନେ କେବେବି କଲେଜର ଭଲ ନାଁ ହେଉ ବୋଲି ଚାହୁଁନାହାନ୍ତି । ଏଭଳି ବ୍ୟକ୍ତି ବିଶେଷଙ୍କ କପୋଳ କଳ୍ପିତ କଥାରେ ଜନସାଧାରଣ ବିଚଳିତ ନ ହେବାପାଇଁ ଆଲୁମନି ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ନିବେଦନ କରିଛନ୍ତି । ଖୁବଶୀଘ୍ର ଆଲୁମନି ସଂଘରେ ଶହଶହ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ବୈଠକ କରି କଲେଜକୁ କିଭଳି ଏକ ଆଦର୍ଶ କଲେଜ ଭାବେ ପରିଗଣିତ କରାଯିବ ସେ ଦିଗରେ ସଂଘ ପ୍ରଚେଷ୍ଟା କରିବ ବୋଲି ସଭାପତି କହିଛନ୍ତି ।

## ନାଲକୋ ନଗରରେ ଆଜିଠୁ ଆଦିବାସୀ ମହୋତ୍ସବ



**ଅନୁଗୋଳ,୫ ।୨(ସମିସ):** ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଳନ କରିବା ସହ ସେମାନଙ୍କ ସଶକ୍ତୀକରଣ ପାଇଁ ସା ପରିଚୟ ଫାଉଣ୍ଡେସନ୍ ପକ୍ଷରୁ ୧୩ତମ ଆଦିବାସୀ ମହୋତ୍ସବ ନାଲକୋ ନଗରରେ ଫେବୃଆରୀ ୬ରୁ ୧୪ତାରିଖ ଯାଏ ଅନୁଷ୍ଠିତ ହେବାକୁ ଯାଉଛି । ଏ ନେଇ ଆୟୋଜକ ସା ପରିଚୟ ଫାଉଣ୍ଡସନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ମହୋତ୍ସବରେ ରଙ୍ଗ, ସଂସ୍କୃତି ଏବଂ କାରିଗରିର ଆନନ୍ଦଦାୟକ ମିଶ୍ରଣ ହେବ, ଯେଉଁଥିରେ ଦକ୍ଷ ଆଦିବାସୀ ପରିବାର ଦ୍ୱାରା ଅଣାଯାଇଥିବା ଉତ୍କୃଷ୍ଟ ହସ୍ତଶିଳ୍ପ, ବସ୍ତ୍ର, ମସଲା ଏବଂ ଅନ୍ୟାନ୍ୟ ଆଦିବାସୀ ସୃଷ୍ଟି ପ୍ରଦର୍ଶିତ ହେଉଥିବା ଷ୍ଟଲର ଏକ ପରିସର ରହିବ । ୧୫୦ଟି ଷ୍ଟଲରେ ଭାରତର ୧୨ ରାଜ୍ୟ ଏବଂ ଓଡ଼ିଶାର ୧୯ ଜିଲ୍ଲାରୁ ଆସିଥିବା ଶିଳ୍ପୀ ଆଦିବାସୀ ଏବଂ ମହିଳା କାରିଗରମାନେ କଳା, ହସ୍ତଶିଳ୍ପ, ବୟନଶିଳ୍ପ, ମସଲା, ହସ୍ତତନ୍ତ ଏବଂ ଅନ୍ୟାନ୍ୟ ମନମୁଗ୍ଧକର ଆଦିବାସୀ ଉତ୍ପାଦ ବିକ୍ରି ଓ ପ୍ରଦର୍ଶନ କରିବେ । ଏଥିସହ ଆଦିବାସୀ ସଂସ୍କୃତିର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ, ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାରର ୧୫-୨୦ ଉତ୍ସାହୀ ଦଳଙ୍କ ଦ୍ୱାରା ମନମୁଗ୍ଧକର ସଙ୍ଗୀତ ଏବଂ ନୃତ୍ୟ ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି । ମୁଖ୍ୟ ଆକର୍ଷଣ ସାଜିବ ଢେମସା, ଛଉ, ଓରାଓଁ ଆଦିବାସୀ ନୃତ୍ୟ । ଚୋନ୍ ଏବଂ ଅନ୍ୟାନ୍ୟ ଆଦିବାସୀ ନୃତ୍ୟ ପରିବେଷଣ ଆୟୋଜନ ହୋଇଛି । ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଅମିୟ ମହାନ୍ତି, ବିଶ୍ୱ ରଞ୍ଜନ ଦାସ, ସିଦ୍ଧାର୍ଥ ପ୍ରଧାନ, ଅମିତ ସ୍ୱରୂପ ମହାପାତ୍ର, ଆଦିତ୍ୟ ପ୍ରସାଦ ପରିଡ଼ା, ପ୍ରଭାତ ସେଠୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମହିଳାଙ୍କୁ ମାଡ଼ ସହ ହତ୍ୟା ଧମକ

**ବଇଣ୍ଡା,୫ ।୨(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଡ଼ ଡଙ୍ଗିଆଣି ଗ୍ରାମର ମମତା ବେହେରାଙ୍କୁ ସେହି ଗ୍ରାମର ସଞ୍ଜୁକ୍ତା ପ୍ରଧାନ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ବୁଧବାର ମମତା ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି । ପୂର୍ବ ଶତ୍ରୁତାକୁ ନେଇ ଉଭୟଙ୍କ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା । ସଞ୍ଜୁକ୍ତା ମମତାଙ୍କ ଘରକୁ ଆସି ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ପାଇଁ ଖୋଜୁଥିବା ସ୍ୱାମୀ ଘରେ ନ ଥିବାରୁ ମମତାଙ୍କୁ ମାଡ଼ ମାରିବା ସହ ସ୍ୱାମୀଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ।

## ମା' ପଥରପୁଞ୍ଜି ଠାକୁରାଣୀଙ୍କ ବାର୍ଷିକ ଯାତ୍ରା



**କିଶୋରନଗର,୫ ।୨(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କୃତିବାସପୁର ପଞ୍ଚାୟତ ତିଳେଶ୍ୱରସ୍ଥିତ ମା' ପଥରପୁଞ୍ଜି ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଛି । ପୂର୍ବାହ୍ନ ୧୦ଟାରେ ରୀତିନୀତି ଅନୁସାରେ ପୂଜା ଆରମ୍ଭ ହୋଇ ଅପରାହ୍ନ ଗୋଟାଏରେ ସମ୍ପନ୍ନ ହୋଇଥିଲା । ଏହି ଯାତ୍ରା ପ୍ରତିବର୍ଷ ଫାଲଗୁନ ମାସ ଚତୁର୍ଥୀ ତିଥିରେ ପାଳନ ହୋଇଥାଏ । ମା'ଙ୍କୁ ଯିଏ ଯାହା ମାଗିଥାଏ ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି । ପୂଜାରେ ହଜାରେରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା । ମହିଳା ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ । ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ଗ୍ରାମ ସଭାପତି ଦିଲୀପ ସାହୁ ଓ ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ତଥା ଗ୍ରାମବାସୀଙ୍କ ସହଯୋଗରେ ଧୁମଧାମରେ ପୂଜା ଅନୁଷ୍ଠିତ ହୋଇଛି ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ



**ଅନୁଗୋଳ, ୫ ।୨(ସମିସ):** ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ୍ ରକଲା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ଗ୍ରାମର ଆରାଧ କୁଣ୍ଡେଶ୍ୱର ମହାଦେବଙ୍କ ସେବକ ଆର୍ତ୍ତ ମହାପାତ୍ର ଆଉ ନାହାନ୍ତି । ୬୧ ବର୍ଷ ବୟସରେ ତାଙ୍କ ପରଲୋକ ଘଟିଛି । ସେ ଚୌଦ୍ୱାର ଉଡ଼ାଜାହାଜ ଗବେଷଣା କେନ୍ଦ୍ର (ଏଆରସି) ପରିସରରେ ଥିବା ପିଡବ୍ଲ୍ୟୁଡି କାର୍ଯ୍ୟାଳୟରେ ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିଲେ । ପରେ ଚୌଦ୍ୱାର ପିଡବ୍ଲ୍ୟୁଡି ଡିଭିଜନ ଅଫିସରୁ ଗତବର୍ଷ ଜାନୁଆରୀରେ ଅବସର ଗ୍ରହଣ କରିଥିଲେ । ତେବେ ଜୁଲାଇ ମାସରେ ସେ କର୍କଟ ରୋଗରେ ପୀଡ଼ିତ ହୋଇଥିବା ଜଣାପଡ଼ିଥିଲା । ଗୁରୁବାର ତାଙ୍କ ଦେହାନ୍ତ ହୋଇଛି । ଗାଁ ଲିଙ୍ଗରା ନଦୀ କୂଳ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । ବଡ଼ପୁଅ ଭୁଲୁ ମୁଖାଗ୍ନି ଦେଇଥିଲେ ।

## ଦଣ୍ଡନୃତ୍ୟରେ ଜାତି ସୂଚକ ନାଚ ପ୍ରଦର୍ଶନ ନିଷେଧ ପାଇଁ ସ୍ମାରକପତ୍ର

**ଅନୁଗୋଳ,୫ ।୨(ସମିସ):** ଓଡ଼ିଶାର ପ୍ରସିଦ୍ଧ ଲୋକ ସଂସ୍କୃତି ପାରମ୍ପରିକ ଦଣ୍ଡ ନୃତ୍ୟରେ ଜାତିଆଣ ଆକ୍ଷେପ ନୃତ୍ୟରେ କଟକଣା ଲଗାଇବାକୁ ଜିଲ୍ଲା ପ୍ରଶାସନକୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ନିର୍ଦ୍ଦିଷ୍ଟ ଏକ ଜାତିଭିତ୍ତିକ ସଂଗଠନ ତରଫରୁ ନିବେଦନ କରାଯାଇଛି ଯେ ଦଣ୍ଡ ନୃତ୍ୟରେ ନିର୍ଦ୍ଦିଷ୍ଟ ଏକ ରୋଲ ପ୍ରଦର୍ଶନରେ ଜାତିଆଣ ଭେଦଭାବକୁ ପ୍ରୋତ୍ସାହିତ କରୁଛି । ଯାହାଦ୍ୱାରା ନିର୍ଦ୍ଦିଷ୍ଟ ଜାତିର ଲୋକଙ୍କ ସାମାଜିକ ମର୍ଯ୍ୟାଦା କ୍ଷୁଣ୍ଣ ହେବା ସହ ଅପମାନ ବୋଧ ହେଉଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଏଥିରେ ଜିଲ୍ଲା ପ୍ରଶାସନର ପଦକ୍ଷେପ ସ୍ୱରୂପ ଜିଲ୍ଲା ମଙ୍ଗଳ ବିଭାଗ ପତ୍ର ସଂଖ୍ୟା ୩୧୨/୩/୦୨/୨୬ରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି ।

## ୯ ନଂ ୱାର୍ଡରେ ବ୍ୟାପକ ନିଶାଦ୍ରବ୍ୟ କାରବାର

**● ପୁଲିସ୍, ଅବକାରୀ ବିଭାଗ ନିଷ୍କ୍ରିୟ**



**ତାଳଚେର,୫ ।୨(ସମିସ):** ତାଳଚେର ପୌର ପରିଷଦ ୯ନଂ ୱାର୍ଡରେ ବ୍ୟାପକ ନିଶାଦ୍ରବ୍ୟ କାରବାର ହେଉଥିବା ଅଭିଯୋଗ ହେଉଛି । କୁଟିଆ ବେପାରୀମାନେ ଦେଶୀ ଓ ବିଦେଶୀ ମଦ ରିଟେଲରଙ୍କଠାରୁ ଚୋରାରେ ଆଣି ଅଧିକ ଦରରେ ବିକ୍ରି କରି ମାଲାମାଲ ହେଉଥିବା ବେଳେ ମଦ ପିଇ ବହୁ ଲୋକଙ୍କ ପରିବାର ଛାରଖାର ହୋଇଯାଉଛି । ଏହି ୱାର୍ଡ ତାଳଚେର ଟାଉନଥାନାଠାରୁ ମାତ୍ର ୧୦୦ ମିଟର ପରିସରରେ ରହିଛି । ତାଳଚେରରେ ମଧ୍ୟ ଅବକାରୀ ବିଭାଗ କାର୍ଯ୍ୟାଳୟ ରହିଛି । ତେବେ ଉଭୟ ବିଭାଗ ଚୋରାମଦ କାରବାରରେ ରୋକ୍ ଲଗାଇ ନ ପାରିବା ପରିତାପର ବିଷୟ ହୋଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍; କାଇଁଶିରିପାଲି ବିଜୟୀ

**ଅନୁଗୋଳ,୫ ।୨(ସମିସ):** ପିଟିସି ପଡ଼ିଆରେ ଆୟୋଜିତ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍‌ର ଆଜିର ମ୍ୟାଚ୍‌ରେ ପାଲଲହଡ଼ା କାଇଁଶିରିପାଲି ଦଳ ୨-୦ ଗୋଲରେ ଆଠମଲ୍ଲିକ ପତକା ଦଳକୁ ପରାସ୍ତ କରିଛି । ମନୋରଞ୍ଜନ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସହ ସଂଘର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଯୁଧିଷ୍ଠିର ସେଠ, ରୁଚିର ଦାସ, ବସନ୍ତ କୁମାର ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଶୁକ୍ରବାର ତଳମୂଳ-ଜରପଡ଼ା ଓ ବାଗେଡ଼ିଆ-ତାଳଚେର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

## ଦୁର୍ଘଟଣାରେ ମାନସିକ ବିକାରଗ୍ରସ୍ତ ଯୁବକ ଆହତ

**କଣିହାଁ,୫ ।୨(ସମିସ):** କଣିହାଁ ବ୍ଲକ ସମଲ ଥାନା ଗହମ ଗ୍ରାମ ହାଟପଦା ନିକଟରେ ଗୁରୁବାର ସନ୍ଧ୍ୟାରେ ବାଇକ ଧକ୍କା ଦେବାରୁ ରାସ୍ତା କଡ଼ରେ ଠିଆ ହୋଇଥିବା ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ଗୁରୁତର ଆହତ ହୋଇଛନ୍ତି । ତେବେ ତାଙ୍କ ପରିଚୟ ମିଳି ନାହିଁ । ସେ ଅଣ ଓଡ଼ିଆ ବୋଲି ଜଣାପଡ଼ିଛି । ସ୍ଥାନୀୟ ଲୋକେଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇବା ସହ ତଦନ୍ତ ଜାରି ରଖିଛି । ଦୁର୍ଘଟଣା ଘଟାଇଥିବା ଯୁବକ ବାଇକ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ କିଛିମାସ ହେବ ଏହି ମାନସିକ ବିକାରଗ୍ରସ୍ତ ଯୁବକ ଜଣକ ଆଖପାଖ ଅଞ୍ଚଳରେ ବୁଲାବୁଲି କରୁଥିଲେ ।

**● ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ମାମଲା**

## ଦୀର୍ଘଦିନ ଧରି ଫେରାର ଅଭିଯୁକ୍ତ ଗିରଫ

**କଣିହାଁ,୫ ।୨(ସମିସ):** କଣିହାଁ ବ୍ଲକ ରେଙ୍ଗାଲି ଥାନା ଡ୍ୟାମ ସାଇଟ ଅଞ୍ଚଳରେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ ଗୁରୁବାର ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମାନସ ପ୍ରଧାନ (୩୫) । ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ୨୦୨୫ ଡିସେମ୍ବର ୧୯ ରେ ଥାନାରେ ଅଭିଯୋଗ କରାଯାଇଥିଲା । ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିବା ବେଳେ ମାନସ ଫେରାର ହୋଇଯାଇଥିଲେ । ଗୁପ୍ତ ସୂଚନା ଆଧାରରେ ପୁଲିସ ଗୁରୁବାର ସ୍ୱନପୁର ଅଞ୍ଚଳର ଏକ ପେଟ୍ରୋଲ ପମ୍ପ ନିକଟରୁ ମାନସଙ୍କୁ ଧରିବାରେ ସଫଳ ହୋଇଛି । ଗିରଫ ପରେ ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଥାନା ଆଇଆଇସି ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି ।

## ଜିଲ୍ଲାପାଳଙ୍କୁ ନ୍ୟାୟ ମାଗିଲେ ୧୦ ପରିବାର



**ବଁଅରପାଳ,୫ ।୨(ସମିସ):** ବଁଅରପାଳ ତହସିଲ୍ ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମର ୧୦ ପରିବାର ଗୁରୁବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ନିମନ୍ତେ ନିବେଦନ କରିଛନ୍ତି । ସୂଚନା ଅନୁଯାୟୀ, ଗ୍ରାମର ଅଭିଳାଷ ପ୍ରଧାନ, ନରୋତ୍ତମ ପ୍ରଧାନ, ଅଜିତ କୁମାର ପ୍ରଧାନ, ଦିଲୀପ କୁମାର ସାମଲ, ଧନେଶ୍ୱର ପ୍ରଧାନଙ୍କ ଜାଗାରେ ଏଲ୍ ଆଣ୍ଡ ଟି କମ୍ପାନୀ କୌଣସି ସୂଚନା ନ ଦେଇ ୪ ଫୁଟର ପାଇପ୍ ନେବା ପାଇଁ ଉଠା ଜଳସେଚନ କାର୍ଯ୍ୟ କରୁଛି । ଏହାକୁ ବିରୋଧ କଲେ ମଧ୍ୟ ଶୁଣୁନାହାନ୍ତି । ବିବାଦ ବଢ଼ିବାରୁ କିଛିଦିନ ହେଲା କାର୍ଯ୍ୟ ବନ୍ଦ କରିଥିଲେ । ଦିନବେଳା ଲୋକେ ବିରୋଧ କରିବାରୁ ରାତିରେ କାର୍ଯ୍ୟ କରି ଜୋରଜବରଦସ୍ତ ପାଇପ୍ ପକାଇ ନେଇଛନ୍ତି । ଏ ନେଇ ଜମି ମାଲିକମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି । ଏଥିସହ କ୍ଷତିପୂରଣ ମଧ୍ୟ ଦାବି କରିଛନ୍ତି ।

**ଜିନ୍ଦଲ ଷ୍ଟିଲ୍ ପ୍ରିମିୟର ଲିଗ୍-୩ ଉଦଯାପିତ**

# ଟିମ୍ ଜଗରନଟ୍ସ ଚାମ୍ପିଅନ

ଅନୁଗୋଳ,୫ ।୨(ସମିସ):

ଜିନ୍ଦଲ ଷ୍ଟିଲ ପ୍ରିମିୟର ଲିଗ-୩ରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍‌କୁ ପରାସ୍ତ କରି ଟିମ୍ ଜଗରନଟ୍ସ ଦଳ ଚାମ୍ପିୟନ ହୋଇଛି । ଜାନୁଆରୀ ୨୩ରୁ ଫେବୃଆରୀ ୪ ପର୍ଯ୍ୟନ୍ତ ଚାଲିଥିବା ଏହି ଆନ୍ତଃ ବିଭାଗୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଜିନ୍ଦଲ ଷ୍ଟିଲ୍ ଅନୁଗୋଳର ବିଭିନ୍ନ ବିଭାଗର ମୋଟ ୪୨ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍‌ରେ ରୋମାଞ୍ଚକର ଲଢ଼େଇ ଦେଖିବାକୁ ମିଳିଥିଲା । ଜଗରନଟ୍ସ ଦଳ ପ୍ରଥମେ ବ୍ୟାଟିଂ ୧୨୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ଜବାବରେ ଏକ୍ସଟ୍ରିମ୍ ଷ୍ଟିଲ୍ ୮ ୱିକେଟ୍ ହରାଇ ୧୦୮ ରନ କରିବାକୁ ସମର୍ଥ ହୋଇଥିଲା । ଜଗରନଟ୍ସ ଦଳ ୧୫ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି ।




ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଆଇରନ୍ ଜୋନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଅଭିନନ୍ଦନ ଜଣାଇବା ସହ ଟ୍ରଫି ପ୍ରଦାନ କରିଥିଲେ । ଜଗରନଟ୍ସ ଦଳର ଚିନ୍ମୟ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଆଦିତ୍ୟ ନାରାୟଣ ଶ୍ରେଷ୍ଠ ବ୍ୟାଟର ଏବଂ ସରୋଜ ଗଡ଼ନାୟକ (ଶ୍ରେଷ୍ଠ ଅଲରାଉଣ୍ଡର) ବିବେଚିତ ହୋଇଥିଲେ । ଏମାନଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳର ଅମିତ୍ ଶାହଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଏବଂ ସୌମ୍ୟକାନ୍ତ ନାୟକଙ୍କୁ ଶ୍ରେଷ୍ଠ ବୋଲର ଭାବେ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ହୃଦୟେଶ୍ୱର ଝା ଏବଂ ସମ୍ମାନିତ ଅତିଥି ଭାବେ ପରାମର୍ଶଦାତା (ଆଇରନ୍ ଜୋନ) ବିଜୁ ନାୟାର ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ମହିଳା କର୍ମଚାରୀ ଏବଂ ଗୃହିଣୀମାନଙ୍କ ମଧ୍ୟରେ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଆୟୋଜନ କରାଯାଇଥିଲା । ଜିନ୍ଦଲ ମହିଳା ସମିତି ଅଧ୍ୟକ୍ଷା ସୀମା ମାଲହାନ ଏବଂ ଅନିତା ମିତ୍ତଲ ଯୋଗଦେଇ ମହିଳା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଆଇନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

ଜଗତସିଂହପୁର, ୫।୨(ସମିସ): ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ 'କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ହେଉଥିବା ଯୌନ ଉତ୍ପୀଡ଼ନ' ସମ୍ବନ୍ଧୀୟ ଆଇନ ବିଷୟରେ ଅବଗତି ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ଆଦିକନ୍ଦ ବେହେରା, ବରିଷ୍ଠ ଆଇନଜୀବୀ ଶାରଦା ପ୍ରସନ୍ନ ଦାସ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ରୀ ରାୟ ସମାଜର ଏହି କୁପ୍ରଥା ଯୋଗୁଁ ହେଉଥିବା କ୍ଷତି ଏବଂ କର୍ମୀମାନଙ୍କ ପ୍ରତି ନିର୍ଯାତନା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯୌତୁକ ଦ୍ୱାରା କିଶୋରି ବାଳିକା ଏବଂ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା ବିଷୟରେ ମତ ରଖିଥିଲେ। ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ସହିତ ସଭାକୁ ପରିଚାଳନା କରିଥିଲେ। ଉପ ବିଭାଗୀୟ ଅଧିକାରୀ କବିତା ମୁର୍ମୁ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ସଭାରେ ସମସ୍ତ ବ୍ଲକ



ଉନ୍ନୟନ ଅଧିକାରୀ, ସମସ୍ତ ଅତିରିକ୍ତ ତହସିଲଦାର, ସମନ୍ୱିତ ଶିଶୁ ଓ ମହିଳା ବିକାଶ ଅଧିକାରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

 କ୍ରିକେଟ୍ ଖେଳରୁ ମହାଭାରତ

# ପଡ଼ିଆରେ ବୁଲିଲା ବ୍ୟାଟ୍ ଓ ଷ୍ଟମ୍ପ

କୁଜଙ୍ଗ, ୫।୨(ସମିସ)

ଭଦ୍ର ଲୋକଙ୍କ ଖେଳ କ୍ରିକେଟ। ଶୃଙ୍ଖଳା ଓ ସଂଯମ ବଦଳରେ ପାରାଦୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସବୁ ପଞ୍ଚାୟତର ଯୁବକ ମାନଙ୍କ ମଧ୍ୟରେ ଭାଇଚାରା ପ୍ରତିଷ୍ଠା ପାଇଁ ହେଉଥିବା ଖେଳପଡ଼ିଆ ଆଜି ଖେଳ ଶେଷରେ ରଣକ୍ଷେତ୍ର ପାଲଟିବା ଦେଖିବାକୁ ମିଳିଛି। ଜାନୁଆରୀ ୨୪ରୁ ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ପାରାଦୀପ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମା ଖେଳ ପଡ଼ିଆରେ



ଆୟୋଜନ ହେଉଛି। ଗୁରୁବାର କୁଜଙ୍ଗ ବ୍ଲକ ନୂଆଗଡ଼ ପଞ୍ଚାୟତ ଓ ବଣିତୋ ପଞ୍ଚାୟତ ମଧ୍ୟରେ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଜିର ମ୍ୟାଚ୍‌ରେ ନୂଆଗଡ଼ ପଞ୍ଚାୟତ ବିଜୟୀ ହୋଇ ପଡ଼ିଆରେ ଖୁସି ମନାଇବା ସମୟରେ ପରାଜିତ ହୋଇଥିବା ବଣିତୋ ପଞ୍ଚାୟତର ଖେଳାଳିଙ୍କ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହୋଇଥିଲା। ଯୁକ୍ତି ତର୍କ ଏଭଳି ଉଗ୍ର ରୂପ ନେଲା ଯେ ଉଭୟଙ୍କ ମଧ୍ୟରେ ବ୍ୟାଟ୍ ଓ ଷ୍ଟମ୍ପ ସାହାଯ୍ୟରେ ବାଡ଼ିଆ ପିଟା ଆରମ୍ଭ ହେଲା। ଯାହାଫଳରେ ଉଭୟ ପଟରୁ ତିନି ଜଣ ଆହତ ହୋଇଛନ୍ତି। ଖେଳ ସମୟରେ ତିର୍ତ୍ତୋଲ ପୁଲିସ ସେଠାରେ ଉପସ୍ଥିତ ଥିଲେ ମଧ୍ୟ ଗଣ୍ଡଗୋଳକୁ ନିୟନ୍ତ୍ରଣ କରି ନ ପାରିବାରୁ ସେଠାରେ ଫୋର୍ସ ମୁତୟନ ହୋଇଛନ୍ତି।

# ଅଗ୍ନିକାଣ୍ଡରେ ଜଳିଗଲା ୭ ବଖରା

ଏରସମା, ୫।୨(ସମିସ): ଏରସମା ବ୍ଲକ ନୂଆଡିହି ପଞ୍ଚାୟତ ଅନ୍ତର୍ଗତ ଧଳିପଙ୍କ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘାଟି ୩ଟି ପରିବାରର ୭ ବଖରା ଘର ଜଳିଯାଇଛି। ଅଗ୍ନିକାଣ୍ଡରେ ଗୌରହରି ମଲିକ, ରୋହିତ ମଲିକ ଏବଂ ବାବୁଲା ମଲିକଙ୍କ ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଛି। ଗୌରହରିଙ୍କ ୬୦ ବସ୍ତା ଧାନ ସହ ଲକ୍ଷାଧିକ ଟଙ୍କା ସମ୍ପତ୍ତି ପୋଡି ଯାଇଥିବା ବେଳେ ଆଉ ସମସ୍ତଙ୍କ ଘର ପୋଡ଼ି ହେବା ସହ ଲକ୍ଷାଧିକ ଟଙ୍କା ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଏରସମା ଓ ତିର୍ତ୍ତୋଲ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପୂର୍ବରୁ ସବୁ ପୋଡ଼ି ପାଉଁଶ ସୋଇଯାଇଥିଲା। ତେବେ ପ୍ରାଥମିକ ତଦନ୍ତରୁ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଆର୍ଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ନୂଆଡିହି ପଞ୍ଚାୟତ ସରପଞ୍ଚ ବ୍ରଜକିଶୋର ପ୍ରଧାନ କ୍ଷତିଗ୍ରସ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ନାଉଗାଁ, ୫।୨(ସମିସ): ମାନସିକ ଭାରସ୍ୟାମ ହରାଇ ନିଜ ବାପଘର ଗ୍ରାମ ନାଉଗାଁରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମହିଳା ଜଣଙ୍କ ହେଲେ ଗ୍ରାମର ବବିଲତା ଗମାଙ୍ଗ (୪୫)। ସେ ଦହିପାଳ ଗ୍ରାମର ଗଣପତି ଗମାଙ୍ଗଙ୍କୁ ଦୀର୍ଘ ବର୍ଷ ପୂର୍ବେ ବିବାହ କରିଥିଲେ। ତେବେ କିଛି ଦିନ ଧରି ବବିଲତା ମାନସିକ ଦୁଶ୍ଚିନ୍ତା ମଧ୍ୟରେ ରହି ଆସୁଥିଲେ। ସେ ତାଙ୍କ ବାପାଘର ନାଉଗାଁ ଗ୍ରାମକୁ ଆସିଥିବା ବେଳେ ଆଜି ସକାଳୁ ସେହି ଗ୍ରାମର ଥିବା ଏକ ଗଛରେ ନିଜ ପିନ୍ଧା ଲୁଗାରେ ସେ ଝୁଲୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଖବର ପାଇ ନାଉଗାଁ ପୁଲିସ୍ ପହଞ୍ଚି ମୃତଦେହ ଜବତ କରି ଡାକ୍ତରଖାନା ପଠାଇଥିଲେ। ମହିଳାଙ୍କ ପୁଅ ବିଶ୍ୱଜିତ ଗମାଙ୍ଗଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ୨/୨୬ରେ ଦାଖଲ କରି ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ନାଉଗାଁ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ ସୂଚନା ଦେଇଛନ୍ତି।

# ମଙ୍ଗଳପୁର ଛକରେ ଓଲଟିଲା ଅଟୋ ; ୫ ଆହତ

ଜଗତସିଂହପୁର, ୫।୨(ସମିସ): ଜଗତସିଂହପୁର ସହର ଉପକଣ୍ଠସ୍ଥ ଜାତୀୟ ରାଜପଥ ୫୫ର ମଙ୍ଗଳପୁର ନିକଟରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିବାରୁ ଡ୍ରାଇଭର ସମେତ ୫ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ ଅଟୋଟି ଜଗତସିଂହପୁରରୁ କନ୍ଦରପୁର ଆଡ଼କୁ ଯାଉଥିବା ବେଳେ ମଙ୍ଗଳପୁର ନିକଟରେ ହଠାତ ଏକ ସ୍କୁଟି ଦ୍ରୁତ ଗତିରେ ଅଟୋ ସମ୍ମୁଖ ଦେଇ ବାମ ପଟକୁ ଚାଲି



ଯାଇଥିଲା। ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଅଟୋ ଡ୍ରାଇଭର ବ୍ରେକ୍ ମାରିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ସେଠାରେ ଓଲଟି ପଡ଼ିଥିଲା। ଡ୍ରାଇଭର ଆଗପଟ ଦେଇ ବାହାରି ଆସିଥିବା ବେଳେ ଅଟୋ ତଳେ ଚାପି ହୋଇ ଯାଇଥିବା ଜଣେ ମହିଳାଙ୍କ ସମେତ ଅନ୍ୟ ୩ ଜଣଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ଯାତ୍ରୀମାନଙ୍କୁ ଛାଡି ଦିଆଯାଇଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ବାଲିକୁଦା, ୫।୨(ସମିସ): ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖା ବୈଠକ ସଭାପତି ପଣ୍ଡିତ ହୃଷୀକେଶ ସାହୁଙ୍କ ସଭାପତିତ୍ୱରେ ଘୋଡ଼ାଡ଼ିଆ ସ୍ଥିତ ହାଟ ଗ୍ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଚି। ପ୍ରାରମ୍ଭରେ ପୂର୍ବତନ ସଭାପତି ବଂଶୀଧର ଶତପଥୀ ମଙ୍ଗଳା ଚରଣ ପାଠ କରିଥିଲେ। ସଂଘର ଉପସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳ ଅସୁସ୍ଥ ଥିବାରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ପାର୍ଥନା କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ପରିଡ଼ା ଓ ମହେଶ୍ୱର ସାହୁ ନୂତନ ସଦସ୍ୟ ଭାବେ ସଂଘରେ ଯୋଗ ଦେଇଥିଲେ। ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ବୈଠକରେ କୃଷ୍ଣ ଚନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ସ୍ୱାଇଁ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଅଷ୍ଟମ ବେତନ କାର୍ଯ୍ୟକାରୀ ବିଷୟରେ ରାଜ୍ୟ ସଂଘ ସହ ଆଲୋଚନା କରିବା ନେଇ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଅପର୍ତ୍ତୀ ଚରଣ ମହାନ୍ତି, ବୁଲାକି ସ୍ୱାଇଁ, କୈଳାଶ ଚନ୍ଦ୍ର ସାହୁ, ମନମୋହନ ବିଶ୍ୱାଳ, ଶଙ୍କର୍ଷଣ ବାରିକ, ଭୋଳାନାଥ ମହାନ୍ତି, ଶିବ ଚରଣ ଜେନା, ନାରାୟଣ କଂସ, ଭ୍ରମରବର ପାଇଟାଲ, ଧର୍ମାନନ୍ଦ ଦାସ, ପ୍ରଶାନ୍ତ କୁମାର ପରିଡ଼ା, ବାବାଜୀ ଚରଣ ପ୍ରଧାନ, ସର୍ବେଶ୍ୱର ବିଶ୍ୱାଳ, ଜଗବନ୍ଧୁ ସାହୁ, ଶରତ ଚନ୍ଦ୍ର ବାରିକ, ଚକ୍ରଧର ଷଡ଼ଙ୍ଗୀ, ନିରଞ୍ଜନ ସାହୁ, ପ୍ରମୋଦ କୁମାର ଜେନା, ବଳରାମ ସ୍ୱାଇଁ, ପ୍ରମୋଦ ବାରିକ, ଆଦିକନ୍ଦ ଦାସ, ଦୀନବନ୍ଧୁ ରାଉତ, ନାରାୟଣ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଶିବ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ଟାଙ୍କି ନିର୍ମାଣରେ ଅନିୟମିତତା

ନାଉଗାଁ, ୫।୨(ସମିସ): ନାଉଗାଁ ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତ ସୁଦ୍ଧକଣ୍ଠି ଗ୍ରାମରେ ନିମ୍ନମାନର ପାଣିଟାଙ୍କି ନିର୍ମାଣକୁ ନେଇ ସ୍ଥାନୀୟ ବାସୀ ତୀବ୍ର ବିରୋଧ କରିଛନ୍ତି। ଫଳରେ ସେମାନେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଗ୍ରାମରେ ଗ୍ରାମୀଣ ଜଳ ଯୋଗାଣ ବିଭାଗର ବସୁଧା ଯୋଜନ ଅଧୀନରେ ୭୦ ହଜାର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି



ନିର୍ମାଣ କରାଯାଉଛି। ଏହି ପାଣି ଟାଙ୍କି ନିର୍ମାଣର କୌଣସି ସୂଚନା ଫଳକ ନାହିଁ କିମ୍ବା କାର୍ଯ୍ୟ ସମୟରେ କୌଣସି ଅଧିକାରୀଙ୍କ ଦେଖାମିଳୁନି। ଯାହାର ସୁଯୋଗ ନେଇ ଠିକାଦାର ମନମାନୀ କରୁଛନ୍ତି। ୭୦ ପ୍ରତିଶତ ବାଲି ଓ ୩୦ ପ୍ରତିଶତ ସିମେଣ୍ଟରେ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସୀ। ଅପରପକ୍ଷେ ଏହି ପାଣି ଟାଙ୍କିର ରକ୍ଷଣବେକ୍ଷଣ ଓ ଏହାକୁ ଅପେରଟିଂ କରିବା ପାଇଁ ନିର୍ମାଣ ହେଉଥିବା ଘର ମଧ୍ୟ ସମ୍ପୂର୍ଣ୍ଣ ନିମ୍ନମାନର ହେଉଥିବା ଦେଖାଯାଇଛି। ମାତ୍ର ୩ ଦିନ ତଳେ ନିର୍ମାଣ ହୋଇଥିବା କଂକ୍ରିଟ ପିଲାରରୁ ବାଲି ସିମେଣ୍ଟ ଛାଡ଼ିଯାଉଛି। ବିଭାଗୀୟ ବରିଷ୍ଠ ଅଧିକାରୀ ଏହାକୁ ତୁରନ୍ତ ତଦନ୍ତ କରି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାରେଶ୍ୱରପୁରରେ ପ୍ରତିଭା ସମ୍ବର୍ଦ୍ଧନା

କୁଜଙ୍ଗ, ୫।୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ପାରେଶ୍ୱରପୁର ଗ୍ରାମର ମୁରବୀ ଭିକାରୀ ମହାଜନଙ୍କ ତ୍ରୟବିଂଶତମ ସ୍ମୃତିଚାରଣ ସଭା ଅବସରରେ ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧକ ବାସୁଦେବ ନାୟକଙ୍କ ଅଧ୍ୟକ୍ଷତା ଓ ଶରତ ବଳିୟାର ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଚିତ୍ତ ସ୍ୱାଇଁ, ଶିକ୍ଷାବିତ ଦିବାକର ପ୍ରଧାନ, ଆଇନଜୀବୀ ଦାମୋଦର ସ୍ୱାଇଁ, ପ୍ରଶାନ୍ତ କୁମାର ସେଠୀ, ମନୋଜ ମନୋହାରୀ, କବି ନବୀନ ପ୍ରଧାନ, ଗୀତା ଦାସ, ରବୀନ୍ଦ୍ର ମହାପାତ୍ର, ଶ୍ରୀନିବାସ ଜୁଝାରସିଂହ, ଆଇନଜୀବୀ ଅଶୋକ ସାମନ୍ତରାୟ, ଆଇନଜୀବୀ ଦାମୋଦର ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ମନୋଜ କିଶୋର ମନୋହାରୀ, ସୁଲୋଚନା ଖଟୁଆ, ମନୋରଞ୍ଜନ ରାଉତ, ରବୀନ୍ଦ୍ର ମାଝୀ, ଦିଲୀପ କୁମାର ଖଟୁଆ, ସଞ୍ଜୟ ସାହୁ, ସୂର୍ଯ୍ୟକାନ୍ତ ସାହୁ, ସୌଭାଗ୍ୟ ସାହୁ, ସୌରଭ ଶ୍ରଦ୍ଧାଞ୍ଜଳି, ମଣ୍ଡଳ ମହାରଣା, ଛବି ଦାସ ଓ ସୌଭାଗିନୀ ସାହୁ ପ୍ରମୁଖ ପାଠଚକ୍ରରେ ଭାଗନେଇଥିଲେ। ଏହି ଅବସରରେ ରାସ୍ତା ଦୁର୍ଘଟଣା ପୀଡ଼ିତଙ୍କ ସାହାଯ୍ୟ କରୁଥିବା ପଙ୍କଜ



କୁମାର ବରାଇ, ଶିକ୍ଷାବିତ୍ ଦିବାକର ପ୍ରଧାନ, ସାମ୍ୟବାଦୀ ନେତା ହେମନ୍ତ ନାୟକ, ବାବାଜୀ ସେଠୀ, ନୀରଞ୍ଜନ ସାହୁ ଆଦି ୫୦ ଜଣ ପ୍ରତିଭାଙ୍କୁ ସମର୍ଦ୍ଧିତ କରାଯାଇଥିଲା। ଗିରଧାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ବନ୍ଦରରେ ପୁଷ୍ପ ପ୍ରଦର୍ଶନୀ

ପାରାଦୀପ, ୫।୨(ସମିସ): ଗୁରୁବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୪୦ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଏହି ପୁଷ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ଟି.ଭେନୁଗୋପାଳ, ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଏହି ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ଚଳିତ ଥର ଏଥିରେ ୧୫୦ ଜଣ ଅଂଶଗ୍ରହଣ



କରିଥିଲେ। ବିଭିନ୍ନ କିସମର ଦେଶୀ ଫୁଲ, ଶଙ୍କର ଜାତୀୟ ଫୁଲ ଓ ଫଳର ସମ୍ଭାର ଚଳିତ ଥର ଦେଖିବାକୁ ମିଳିଥିଲା। ଘରୋଇ ଓ ଅନ୍ୟାନ୍ୟ ସ୍ଥାନରେ ଫୁଲ ଗଛ ଲଗାଇଥିବା ବ୍ୟକ୍ତି ବିଶେଷ ଏହି ପ୍ରଦର୍ଶନୀରେ ସାମିଲ ହୋଇଥିଲେ। ପାରାଦୀପ ବନ୍ଦରର ବିଭିନ୍ନ ସ୍ଥାନରେ ୨୪ଟି ପାର୍କ ରହିଛି। ଏହାର ରକ୍ଷଣାବେକ୍ଷଣର ଭାର ବନ୍ଦର କର୍ତ୍ତୃପକ୍ଷ ବହନ କରୁଛନ୍ତି। ଦେଶର ସମସ୍ତ ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ଏକ ସବୁଜ ବଳୟ ସୃଷ୍ଟି କରି ପାରିଛି ବୋଲି ବନ୍ଦର ଅଧ୍ୟକ୍ଷ କହିଥିଲେ। ସଫଳତା ହାସଲକାରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

# ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର, ୫।୨(ସମିସ): ଅଳକା ଆଶ୍ରମର ଉପସଭାପତି ଅଧ୍ୟାପକ ଭଗବାନ ଦାଶଙ୍କ ଆବାହକତ୍ୱରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଶିକ୍ଷାବିତ ବିଜୟ କୁମାର ରଥ ଏବଂ ସଂଗ୍ରାମୀ ଭିକାରୀ ରାଉତ ପ୍ରମୁଖ ଯୋଗଦେଇଥବଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ତ୍ରିପୁରେଶ୍ୱର ମଲ୍ଲିକ, ଯତୀନ୍ଦ୍ର ବେହେରା ଏବଂ ପ୍ରସନ୍ନ କୁମାର ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ବୁଢ଼ୀଜାଗୁଳାଇ ମନ୍ଦିରର ବାର୍ଷିକ ଉତ୍ସବ

ଏରସମା, ୫।୨(ସମିସ): ଏରସମା ବ୍ଲକ ଏରସମା ପଞ୍ଚାୟତ ମା' ବୁଢ଼ୀଜାଗୁଳାଇ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜପା ନଦୀ କୂଳରୁ କଳସ ଅଣାଯାଇ ସ୍ଥାପନା କରାଯାଇଥିଲା। ପଣ୍ଡିତ ଶ୍ରୀନିବାସ ସତପଥି ପୂଜାର୍ଚ୍ଚନା କରିଥିଲେ। ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ତତ୍ତ୍ୱାବଧାନରେ କଳସ ଶୋଭାଯାତ୍ରାରେ



କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ଯଜ୍ଞ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟାରେ ଭଜନ ସମାରୋହର ଆୟୋଜନ କରାଯାଇଥିଲା।

# ବୃତ୍ତି ପରୀକ୍ଷାରେ ଶିଶୁମନ୍ଦିର କୃତକାର୍ଯ୍ୟ



ଜଗତସିଂହପୁର, ୫।୨(ସମିସ): ଜଗତସିଂହପୁର ସହର ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୫ଜଣ ଛାତ୍ରଛାତ୍ରୀ ବିଭିନ୍ନ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ୨୦୨୪-୨୫ ଶିକ୍ଷା ବର୍ଷରେ ୩ୟ ଶ୍ରେଣୀ ବୃତ୍ତିରେ ୪ଜଣ, ୫ମ ଶ୍ରେଣୀ ବୃତ୍ତିରେ ୪ଜଣ, ପଠାଣି ସାମନ୍ତ ଗଣିତ ମେଧାବୃତ୍ତିର ଷଷ୍ଠ ଶ୍ରେଣୀରେ ୬ଜଣ ଏବଂ ନବମ ଶ୍ରେଣୀରେ ମଧ୍ୟ ୬ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତିରେ ନବମ ଶ୍ରେଣୀର ୬ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ସେହିପରି ୨୦୨୩-୨୪ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀର ୪ଜଣ ଏବଂ ନବମ ଶ୍ରେଣୀର ୫ ଜଣ ଛାତ୍ରଛାତ୍ରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସମସ୍ତ ୩୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ ଗୁରୁମା ବୃନ୍ଦ ଏବଂ ପରିଚାଳନା କମିଟି ତରଫରୁ ଅଭିନନ୍ଦନ ଜଣାଯାଇଛି।

# ଶ୍ରୀରାଧା ସେବା ସଂଗଠନର ତୀର୍ଥଯାତ୍ରା




ତିର୍ତ୍ତୋଲ, ୫।୨(ସମିସ): ତିର୍ତ୍ତୋଲ ବ୍ଲକ ଗରାମ ସ୍ଥିତ ଶ୍ରୀରାଧା ସେବା ସଂଗଠନ ପକ୍ଷରୁ ଶ୍ରୀକ୍ଷେତ୍ର ପୁରୀ ତୀର୍ଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଗ୍ରାମର ମା' ଭଗବତୀ ପୀଠରୁ କୀର୍ତ୍ତନ କରି ତୀର୍ଥଯାତ୍ରୀରେ ବାହାରିଥିଲେ। ପ୍ରଥମେ କାକଟପୁର ମା' ମଙ୍ଗଳାଙ୍କୁ ଦର୍ଶନ କରିବା ପରେ ପୁରୀ ଯାତ୍ରା କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ସମାଜସେବୀ ଧ୍ରୁବଚନ୍ଦ୍ର ସେନାପତି, ସହାୟକ ଚିନ୍ମୟ ସୂତାର, ସମାଜସେବୀ ଡ. ପ୍ରଶାନ୍ତ କୁମାର ଦାଶଙ୍କ ତତ୍ତ୍ୱବଧାନରେ ଏହି ତୀର୍ଥଯାତ୍ରା ସମ୍ପନ୍ନ ହୋଇଥିଲା। ସଂଗଠନର ସଭାପତି ଦେବନ୍ଦ୍ର ନାୟକଙ୍କ ସହିତ କୃଷ୍ଣପ୍ରସାଦ ଶତପଥୀ, ସସ୍ମିତା ପାହାଡ଼ସିଂ, ମନୋଜ ପାହାଡ଼ସିଂ, ବିବେକାନନ୍ଦ ଦଳେଇ, ଗାୟତ୍ରୀ ଦାସ, ବିକାଶ ସ୍ୱାଇଁ, ସସ୍ମିତା ସ୍ୱାଇଁ ଓ ସଂଗଠନର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

● ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ

# ସିଂହଳୀ ଭାଷାରେ ନାଟକ ମଞ୍ଚସ୍ଥ




ପାରାଦୀପ, ୫।୨(ସମିସ): ପାରାଦୀପର ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସ୍, ପାରାଦୀପର ସହଯୋଗରେ ଆୟୋଜିତ ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ 'ଭାରତ ରଙ୍ଗ ମହୋତ୍ସବର' ୪ର୍ଥ ସନ୍ଧ୍ୟାରେ ଶ୍ରୀଲଙ୍କାର ରେଡ୍ ୱିଙ୍ଗସ୍ ନାଟ୍ୟ ଅନୁଷ୍ଠାନ ବୁଦ୍ଧିକ ଦମୟନ୍ତଙ୍କ ନିର୍ଦ୍ଦେଶନାରେ ସିଂହଳୀ ଭାଷାର ନାଟକ 'ଡକ୍ଟର କିଙ୍ଗସ୍ ଲାଷ୍ଟ ନାଇଟ' ମଞ୍ଚସ୍ଥ କରିଥିଲେ। ଭାଷାର ବିଭିନ୍ନତା ସତ୍ତ୍ୱେ ନାଟକର ଆନନ୍ଦ ନେବା ପାଇଁ ଅଧିକ ନାଟ୍ୟପ୍ରେମୀ ଦର୍ଶକ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ। କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ। ପାରାଦୀପ ପରି ସହରରେ ବାହାର ଦେଶର କଳାକାର ନାଟକ ମଞ୍ଚସ୍ଥ କରିବା ପ୍ରଥମ। ସେଥିପାଇଁ ଦର୍ଶକ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସକୁ ଧନ୍ୟବାଦ୍ ଦେଇଥିଲେ।

# ବିରିଡ଼ି ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟିତ

ଜଗତସିଂହପୁର, ୫।୨(ସମିସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ୫୭ଟି ନୂଆ ଉପନିବନ୍ଧକ କାର୍ଯ୍ୟାଳୟ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ବିରିଡ଼ି ତହସିଲରେ ଉପନିବନ୍ଧକ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ପୂର୍ବରୁ ଜମିଜମା ସଂକ୍ରାନ୍ତୀୟ କାମ ପାଇଁ ଲୋକଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡୁଥିଲା। ମାତ୍ର ସମସ୍ତ ତହସିଲରେ ଉପନିବନ୍ଧକ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ଫଳରେ ଉଭୟ ତହସିଲ୍ ଓ ଉପନିବନ୍ଧକ କାର୍ଯ୍ୟାଳୟ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟକରି ପାରିବେ। ରେଜିଷ୍ଟ୍ରେସନ ପରେ ମ୍ୟୁଟେସନ



ପଟ୍ଟା ସହଜରେ ପ୍ରାପ୍ତ ହେବା ସହିତ, ରେଜିଷ୍ଟ୍ରେସନ୍ କ୍ଷେତ୍ରରେ ପାରଦର୍ଶିତା ବଢ଼ିବ ଓ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ଆଉ ରହିବ ନାହିଁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ସେବା ପ୍ରଦାନ ପାଇଁ କାର୍ଯ୍ୟକ୍ଷମ ଥିବା ହ୍ୱାଟ୍ସଆପ ଚାଟ୍‌ବଟରେ ଆଉ ୧୧ଟି ପ୍ରମୁଖ ରାଜସ୍ୱ ସେବାକୁ ସାମିଲ୍ କରିଥିଲେ। ଏଣିକି ଜନସାଧାରଣ ହ୍ୱାଟ୍ସଆପ ନଂ-୯୪୩୭୨୯୨୦୦୦ ଜରିଆରେ ୧୧ଟି ଗୁରୁତ୍ୱପୂର୍ଣ୍ଣ ସେବାକୁ ତହସିଲ୍ କାର୍ଯ୍ୟାଳୟ ନଯାଇ ଦରଖାସ୍ତ କରି ପାଇପାରିବେ। ଆଭାସୀ ମାଧ୍ୟମରେ ଆୟୋଜନ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ଭିସି ହଲ୍‌ରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜିଲ୍ଲାପାଳ ଜେ. ସୋନାଲ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଡିଏସ୍ଆର ତଥା ରାଜସ୍ୱ ବିଭାଗର କର୍ମକର୍ତ୍ତା ଯୋଗ ଦେଇଥିଲେ। ସେହିପରି ବିରିଡ଼ି ବ୍ଲକ ଓସ୍ୱାନ ହଲରେ ବିଡିଓ ଆୟୁଷୀ ପତି, ତହସିଲଦାର ପ୍ରୀଙ୍କିଲ ପର୍ବିନ୍ ପରିଡ଼ା, ବ୍ଲକ ଚେୟାରମ୍ୟାନ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିୟୁଟି ପ୍ରତିଯୋଗିତା ଓ ସାଂସ୍କୃତିକ ମହୋତ୍ସବ

ପାରାଦୀପ, ୫।୨(ସମିସ): ଆଦିଦେବ ଏଣ୍ଟରଟେନମେଣ୍ଟ ପକ୍ଷରୁ ବିୟୁଟି ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ସଦନ ସମ୍ମୁଖରେ ଥିବା ପଡ଼ିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପାରାଦୀପରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା। ଯାହା ପାରାଦୀପ ଅନ୍ତେବାସୀଙ୍କୁ ଓଡ଼ିଶାର ନାମିଦାମୀ କଳାକାରମାନଙ୍କୁ ଦେଖିବାର ସୁଯୋଗ ମିଳିଥିଲା। ତା' ସହିତ ପାରାଦୀପ କୁଇନ୍, ପାରାଦୀପ ପରୀ ଭଳି ଏକ ସୁନ୍ଦର କାର୍ଯ୍ୟକ୍ରମର ମଧ୍ୟ ଆୟୋଜିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନେ ମହା ଫାଇନାଲକୁ ଉନ୍ନୀତ ହୋଇଥିଲେ। ମହା ଫାଇନାଲ ମୁକାବିଲା କାର୍ଯ୍ୟକ୍ରମରେ



ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ସଚିବ କ୍ରିଷ୍ଣା ବାପି ରାଜୁ ଯୋଗ ଦେଇଥିଲେ। ବିଚାରକ ଭାବେ ପ୍ରତିଷ୍ଠିତ ସିନେ ତାରକା ଅଶ୍ରୁମୋଚନ ମହାନ୍ତି, ବବି ମିଶ୍ର, ଅଭିନେତ୍ରୀ ପ୍ରିୟଙ୍କା ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚରେ ଚିତ୍ତାକର୍ଷକ ସଂଯୋଜନା କରିଥିଲେ ପୁପିନ୍ଦର। ବିଜେତାମାନଙ୍କୁ ପାରାଦୀପ ବନ୍ଦର ସଚିବ କ୍ରିଷ୍ଣା ବାପି ରାଜୁ ପୁରସ୍କୃତ କରିଥିଲେ। ଆଦିଦେବ ଏଣ୍ଟରଟେନମେଣ୍ଟର ଅଧ୍ୟକ୍ଷା ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକଙ୍କ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ହାଟବାଣପୁର-ଚକ୍ରୋଡା ଲକ୍ ରାସ୍ତା କାମରେ ଦୁର୍ନୀତି ଅଭିଯୋଗ

# କାମର ମାନ ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ ଦାବି

କେନ୍ଦ୍ରାପଡ଼ା,୫।୨(ସମିସ)



ଡେରାବିଶ ବ୍ଲକ ଅନ୍ତର୍ଗତ ହାଟବାଣପୁରଠାରୁ ଚକ୍ରୋଡା ଲକ୍ ପର୍ଯ୍ୟନ୍ତ ନିର୍ମିତ ହେଉଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠିଛି। ଲୋକଙ୍କ ଦୁର୍ଦ୍ଦଶା ଦୂର କରିବା ପାଇଁ ଆରମ୍ଭ ହୋଇଥିବା ଏହି ରାସ୍ତା କାର୍ଯ୍ୟ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ପାଲଟିଛି। ଏହି କାମର ମାନ ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି।

ଦାନପୁରଠାରୁ କେନ୍ଦ୍ରାପଡ଼ା ଲକ୍ ପର୍ଯ୍ୟନ୍ତ ପ୍ରାୟ ୧୩ କିଲୋମିଟର ରାସ୍ତା ଦୀର୍ଘ ବର୍ଷ ଧରି ବିପର୍ଯ୍ୟସ୍ତ ଅବସ୍ଥାରେ ଥିବାରୁ ଯାତାୟାତ ଅତ୍ୟନ୍ତ ଦୁରୁହ ହୋଇପଡ଼ିଥିଲା। ଏହାର ଏକ ଅଂଶ ହାଟବାଣପୁରଠାରୁ ଚକ୍ରୋଡା ଲକ୍ ପର୍ଯ୍ୟନ୍ତ ୧୭୦୦ ମିଟର ରାସ୍ତାରେ ବଡ଼ ବଡ଼ ଖାଲ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଗଣମାଧ୍ୟମରେ ଏହି ସମସ୍ୟା ବାରମ୍ବାର ଉଠିବା ପରେ ବିଭାଗ ତତ୍ପର ହୋଇ ରାସ୍ତା ନିର୍ମାଣ କାମ ଆରମ୍ଭ କରିଥିଲା। ଅଭିଯୋଗ ଅନୁଯାୟୀ କାମ ଆରମ୍ଭ ହେବା ସହିତ ଠିକାଦାର ଓ ବିଭାଗୀୟ ଅଧିକାରୀ ଜନସ୍ୱାର୍ଥକୁ ଅଣଦେଖା କରି ନିଜ ନିଜ ପକେଟ୍ ଗରମ୍ କରିବାରେ ଲାଗିପଡ଼ିଛନ୍ତି। ରାସ୍ତାରେ ଥିବା ବିରାଟ ବିରାଟ ଗାଡ଼କୁ ନିୟମ ଅନୁଯାୟୀ ପ୍ରପର୍ ଗ୍ରାଉଟିଂ କରାଯାଇ ନ ଥିବା ଅଭିଯୋଗ ସ୍ଥାନୀୟ ଲୋକେ ଆଣିଛନ୍ତି।

ସ୍ଥାନୀୟ ବାସିନ୍ଦାଙ୍କ ପ୍ରତିବାଦ ପରେ ଠିକାଦାର, ବିଭାଗୀୟ ଯନ୍ତ୍ରୀ ଓ ଉପଖଣ୍ଡ ଅଧିକାରୀଙ୍କ ସମ୍ମୁଖରେ କିଛି ସ୍ଥାନରେ ପୁନର୍ବାର ଗ୍ରାଉଟିଂ କାର୍ଯ୍ୟ କରାଯାଇଥିବା ଦେଖାଯାଇଥିଲା। ହେଲେ ଲୋକଙ୍କ ଅଭିଯୋଗ ଯେ, ଏହା ପୂର୍ବରୁ ଅନେକ ଗଭୀର ଗାଡ଼କୁ ବିନା ଗ୍ରାଉଟିଂ ସିଧାସଳଖ ପିଚୁ କରି ଦିଆଯାଇଛି। ଯାହା ଅଳ୍ପଦିନ ମଧ୍ୟରେ ପୁଣି ବିପଦଜନକ ଆକାର ନେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ କିମ୍ବା ଏଷ୍ଟିମେଟ୍ କପି ଲଗାଯାଇନି। ଯଦ୍ୱାରା ଯନ୍ତ୍ରୀ ଓ ଠିକାଦାର ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ଜୋର୍ ଧରିଛି। ଏ ଘଟଣାକୁ ନେଇ କେନ୍ଦ୍ରାପଡ଼ାର କିଛି ଆଇନଜୀବୀ ଓ ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନଙ୍କୁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରି ରାସ୍ତା କାର୍ଯ୍ୟର ମାନ ଯାଞ୍ଚ ସହ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଛନ୍ତି। ଯଦି ଶୀଘ୍ର ଏହି ଦୁର୍ନୀତିର ସଠିକ୍ ତଦନ୍ତ ନ ହୁଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ ପନ୍ଥା ଆପଣେଇବାକୁ ଚେତାବନୀ ଦେଇଛନ୍ତି।

### ● ଡେରାବିଶ ଯୁବ ମହୋତ୍ସବର ପଞ୍ଚମ ସନ୍ଧ୍ୟା

## ଦୀପ୍ତିରେଖାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ



ଡେରାବିଶ,୫।୨(ସମିସ): କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁଜଙ୍ଗା ମିନି ଷ୍ଟାଡିୟମରେ ଆୟୋଜିତ ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଆଜି ଥିଲା ପଞ୍ଚମ ତଥା ଶେଷ ସନ୍ଧ୍ୟା। ସମାଜସେବୀ ସ୍ମାରକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସାରସ୍ୱତ କାର୍ଯ୍ୟକ୍ରମରେ ଯୁବ ମହୋତ୍ସବର ଅଧ୍ୟକ୍ଷ ତେଜେଶ୍ୱର ପରିଡା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଛୋଟି ସରପଞ୍ଚ ରଜନୀ ମଲ୍ଲିକ, ବିକ୍ରମ ରାଉତ, ଦିଲ୍ଲୀପ ବେହେରା, ଦିଲ୍ଲୀପ ସାହୁ, ପ୍ରସନ୍ନ ପଣ୍ଡା, ପରେଶ ମୁର୍ମୁ, ପ୍ରଭାତ ମହାନ୍ତି ଯୋଗ ଦେଇଥିଲେ। ଶ୍ରୀ ପରିଡା ଅତିଥିଙ୍କୁ ଉତ୍ତରୀୟ ଓ ଚାରା ଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ କୁରୁଜଙ୍ଗା ଗ୍ରାମର ବରିଷ୍ଠ ନାଗରିକ ଓ ଯୁବ ବନ୍ଧୁ ଶ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଚାନ୍ଦୋଳ ମଣ୍ଡଳର କଳ୍ପତରୁ ଶତପଥୀ, ସୁଶାନ୍ତ ରାଉତ, ଜିତେନ୍ଦ୍ର ପଣ୍ଡାଙ୍କ ସହିତ ପ୍ରକାଶ ଘଡେଇଙ୍କ ଦ୍ୱାରା ନିର୍ମିତ ତୈଳଚିତ୍ର ଉପହାର ପ୍ରଦାନ କରାଯାଇଥିଲା।

ପ୍ରାରମ୍ଭରେ ମାତୃଶକ୍ତି ଡ୍ୟାନ୍ସ ଏକାଡେମୀର କୁନିକୁନି କଳାକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣ ଓ ହନୁମାନ ଚାଳିଶାରେ ଅଭିନୟ,

### କେନ୍ଦ୍ରାପଡ଼ା ପ୍ରସିଦ୍ଧ ରସାବଳିର ମଜାନେଲେ

ଅପରେଶନ ସିନ୍ଦୂର କାର୍ଯ୍ୟକ୍ରମ ଷ୍ଟାଡିୟମ୍ ପରିସରରେ ଭକ୍ତିମୟ ଓ ଦେଶାତ୍ମବୋଧକ ପରିବେଶ ସୃଷ୍ଟି କରିଥିଲା। ପରେ ବିଶିଷ୍ଟ ସଙ୍ଗୀତଜ୍ଞ ଦୀପ୍ତିରେଖା ପାଢୀ ଓ ସାଥୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ରସାବଳିର ମଜା ଦର୍ଶକ ଉଠାଇଥିଲେ। କାର୍ଯ୍ୟକ୍ରମକୁ ବିଜୟ ଜେନା, ସଞ୍ଜୟ ଦାସ, ତୁଷାର ଘୋଷ, ଶରତ ବେହେରା, ପଦ୍ମନାଭ ଦାସ, ଜଳଧର ସ୍ୱାଇଁ, ଦୀପ୍ତିକାନ୍ତ ସାହୁ, ବିଶ୍ୱମୋହନ ଦାସ, ଶରତ ମଲିକ, ଦିବାକର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ସିଙ୍ଗିଡ଼ି ପାକ୍ସ ପରିଚାଳନା ବୋର୍ଡକୁ କାରଣ ଦର୍ଶାଅ ନୋଟିସ

ରାଜକନିକା, ୫।୨(ସମିସ): କାଟଣାବଣିଆଁ ପଞ୍ଚାୟତରେ ଅବସ୍ଥିତ ସିଙ୍ଗିଡ଼ି ପାକ୍ସ ପରିଚାଳନା ସମିତି ସମବାୟ ନିୟମର ଉଲ୍ଲଂଘନ କରି ଓ କେତେକ ସଦସ୍ୟଙ୍କ ଅନୁପସ୍ଥିତି ବିନା ସମ୍ପୃକ୍ତିରେ ଉଦ୍ଦେଶ୍ୟମୂଳକ ଭାବେ ସମ୍ପାଦକଙ୍କୁ ନିଲମ୍ବନ କରିବା ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲା ସମବାୟ ବିଭାଗର ଉପନିବନ୍ଧକ ସମ୍ପୃକ୍ତ ପାକ୍ସକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜାରି କରାଯାଇଥିବା ନୋଟିସରେ ଏହି ପାକ୍ସର ସଭାପତି ଓ ପରିଚାଳନା ସମିତି ଆବଶ୍ୟକ ନିୟମ ଅନୁସରଣ ନ କରି ଜଣେ ସମ୍ପାଦକଙ୍କୁ ଅମାନବୀୟ ଭାବେ ନିଲମ୍ବିତ କରିବା ଓ ସମ୍ପାଦକଙ୍କ ପଦବୀରେ ଏହି ପାକ୍ସର ଜଣେ ଡିଇଓଙ୍କୁ ବେଆଇନ ଭାବେ ଅବସ୍ଥାପିତ କରିବା ସମ୍ପର୍କରେ ସ୍ପଷ୍ଟୀକରଣ ସହ କୈଫିୟତ ତଲବ କରିଛନ୍ତି। ସଭାପତି ଓ ସମିତି ଉପରୋକ୍ତ ଘଟଣାରେ ଉଭୟ ଭୁବନେଶ୍ୱର ସମବାୟ ରେଜିଷ୍ଟ୍ରାର ଅଧିନିୟମ ଓ ଓଡିଶା ସମବାୟ ସମିତିର ଧାରାକୁ ଉଲ୍ଲଂଘନ କରି ସମ୍ପୂର୍ଣ୍ଣ ଉଦ୍ଦେଶ୍ୟମୂଳକ ଭାବେ ଅତ୍ୟନ୍ତ ଅମାନବୀୟ ଢଙ୍ଗରେ ନିଲମ୍ବନ ଥିବାରୁ ଏଭଳି ବେଆଇନ କାର୍ଯ୍ୟରେ ସେମାନଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ, ତାହାର କୈଫିୟତ ତଲବ ସହ କାରଣ ଦର୍ଶାଇବାକୁ କେନ୍ଦ୍ରାପଡ଼ା ଜିଲ୍ଲା ସମବାୟ ଉପନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ୩/୨/୨୦୨୬ ଚିଠି ନଂ ୧୬୭ରେ ସିଙ୍ଗିଡ଼ି ପାକ୍ସ ସଭାପତି ଓ ପରିଚାଳନା ସମିତିକୁ ନୋଟିସ ଜାରି କରିଛନ୍ତି। ସିଙ୍ଗିଡ଼ି ପାକ୍ସ ସଭାପତି ଜବରଦସ୍ତ ସମ୍ପାଦକଙ୍କୁ ସଭା ବହି ନ ଦେଇ ଆବଶ୍ୟକ ନିୟମ (୧୯୬୫ ଓଡ଼ିଶା ସମବାୟ ସମିତି ଧାରା ୪୦)ର ଉଲ୍ଲଂଘନ କରିବା ଓ ଚାଷୀଙ୍କ ଧାନ କିଣା ସମୟ ସହ ଶହ ଶହ ଜମାକାରୀଙ୍କ ଅର୍ଥ ନେଣଦେଣ ପାଇଁ ଉଦ୍ଦିଷ୍ଟ ସିଙ୍ଗିଡ଼ି ମିନି ବ୍ୟାଙ୍କକୁ ଅଚଳ କରାଇ ଗୋଟିଏ ପାକ୍ସକୁ ଅଚଳ କରାଇଛନ୍ତି, ତାହାର ଉପଯୁକ୍ତ ସ୍ପଷ୍ଟୀକରଣ ମାଗିଥିବା ଜଣାପଡ଼ିଛି। ନିଜ ପଦ ମର୍ଯ୍ୟାଦା ଉଲ୍ଲଂଘନ କରି ଜଣେ ସମ୍ପାଦକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ନିଲମ୍ବନ କରିବା ସମ୍ପର୍କରେ ଏହି ପାକ୍ସର ସଭାପତିଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ରାଜନଗର,୫।୨(ସମିସ): ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଳାପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟକୃଷ୍ଣ ରାଉତଙ୍କ ଆଜି ସନ୍ଧ୍ୟା ୬ଟା ବେଳେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ । ସ୍ୱର୍ଗତ ରାଉତ ହାତିନା ଲକ୍ଷ୍ମୀବାରହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ସେ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ଥିଲେ। ତାଙ୍କ ମୃତ୍ୟୁରେ ନିମ୍ନ ମାଧ୍ୟମିକ କର୍ମଚାରୀ ସଂଘର ବିଜୟ ଜେନା, ଦାମୋଦର ସ୍ୱାଇଁ, ସୁଶାନ୍ତ ପ୍ରଧାନ, ଚିତ୍ତରଞ୍ଜନ ସାହୁ, ହେମନ୍ତ ବାରିକ, ଦୟାନିଧି ସ୍ୱାଇଁ, କୃପାସିନ୍ଧୁ ସାମଲ, ସତ୍ୟବାଦୀ ଜେନା, କ୍ଷୀରୋଦ ମଲ୍ଲିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଯୋଗାଣ ବିଭାଗର ଚଢ଼ଉ — ହିତାଧିକାରୀଙ୍କୁ ମିଳିଲା ଗ୍ୟାସ୍

ମହାକାଳପଡ଼ା,୫।୨(ସମିସ): ସରକାରଙ୍କ ମାଗଣା ଉଜ୍ଜ୍ୱଳା ଯୋଜନା ଆଳରେ ଏଜେନ୍ସି ହିତାଧିକାରୀଙ୍କଠାରୁ ଭଲ ଚୁଲା ବାବଦକୁ ୧୮୦୦ ଟଙ୍କା ମାଗିବା ଓ ଗ୍ୟାସ୍ ପ୍ରଦାନରେ ବିଳମ୍ବ କରିବା ଏଜେନ୍ସିକୁ ମହଙ୍ଗା ପଡ଼ିଛି। ହିତାଧିକାରୀଙ୍କ ଅଭିଯୋଗ ଓ ଖବରକାଗଜରେ ଘନଘନ ଖବର ପ୍ରସାରଣ ପରେ ଚିହିଁକି ଉଠିଛି ଯୋଗାଣ ବିଭାଗ। ଜିଲ୍ଲା ଓ ବ୍ଲକ ଯୋଗାଣ ଅଧିକାରୀଙ୍କ ପକ୍ଷରୁ ଆଜି ଏଜେନ୍ସିର ଡିପୋରେ ତନଖି କରିବା ସହିତ ଅଭିଯୋଗକାରୀଙ୍କ ସାମ୍ନାରେ ଟିକିନିଖି ତଦନ୍ତ କରାଯିବା ସହିତ ଅଭିଯୋଗ ଆଣିଥିବା ହିତାଧିକାରୀଙ୍କୁ ଗ୍ୟାସ୍ ପ୍ରଦାନ କରାଯାଇଛି।



ଦେଉଳପଡ଼ା ପଞ୍ଚାୟତ ଚଣ୍ଡିଆପଲ୍ଲୀ ଗ୍ରାମର ତରଙ୍ଗିଣୀ ପରିଡ଼ା ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ମହାକାଳପଡ଼ାଠାରେ ଥିବା ଏମଏସ ସ୍ୱସ୍ତିଦୀପ ଏଚପି ଗ୍ୟାସ ଏଜେନ୍ସିରେ ଆବେଦନ କରିଥିଲେ। ତାଙ୍କ ନାମରେ ଗ୍ୟାସ୍ ଅନୁମୋଦନ ହୋଇଥିଲା। ଦୀର୍ଘଦିନ ପରେ ବି ତାଙ୍କୁ ଏଜେନ୍ସି ଗ୍ୟାସ୍ ପ୍ରଦାନ କରୁ ନ ଥିଲା। ଯୋଜନା ଅଧୀନରେ ଯେଉଁ ଗ୍ୟାସ୍ ଚୁଲା ମିଳୁଛି ତାହାକୁ ନ ଦେଇ ଭଲ ଗ୍ୟାସ୍ ଚୁଲା ଦେବାକୁ କହି ୧୮୦୦ ଟଙ୍କା ଦେବାକୁ ଏଜେନ୍ସି ଦାବି କରୁଥିବା ତରଙ୍ଗିଣୀଙ୍କ ପୁଅ ପବିତ୍ର ପରିଡ଼ା ଜାନୁଆରୀ ୧୬ରେ ଅଭିଯୋଗ ଆଣିଥିଲେ। କେବଳ ସେତିକି ନୁହେଁ ସମ୍ପୃକ୍ତ ଏଜେନ୍ସିର କର୍ମଚାରୀ ଉଜ୍ଜ୍ୱଳା ଯୋଜନାରେ ମିଳୁଥିବା ଚୁଲା ତାଙ୍କ ପାଖରେ ନ ଥିବା କହିବା ସହ ୧୮୦୦ ଟଙ୍କା ଦେଲେ ଭଲ ଚୁଲା ଦିଆଯିବ କହିବାରୁ ପବିତ୍ର ପ୍ରତିବାଦ କରିଥିଲେ। ସରକାର ଯେଉଁ ଚୁଲା ଦେଉଛନ୍ତି ସେହି ଚୁଲା ପ୍ରଦାନ କରିବାକୁ ସେ କହିବା ପରେ ସମ୍ପୃକ୍ତ କର୍ମଚାରୀ ଜଣଙ୍କ ମାଲିକଙ୍କୁ ପଚାରିବାକୁ କହିଥିଲେ। ତେବେ ଅଭିଯୋଗର ୧୮ ଦିନ ପରେ ବି ପ୍ରଶାସନ ପକ୍ଷରୁ କିମ୍ବା ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳିନଥିଲା। ଆଜି ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ବିଭାଗ କର୍ମଚାରୀଙ୍କ ସହିତ ମହାକାଳପଡ଼ା ଯୋଗାଣ ନିରୀକ୍ଷକ ଶିବପ୍ରସାଦ ମହାନ୍ତିଙ୍କୁ ନେଇ ମହାକାଳପଡ଼ାସ୍ଥ ଏଜେନ୍ସିରେ ପହଞ୍ଚି ଅଭିଯୋଗକାରୀଙ୍କ ଉପସ୍ଥିତରେ ଡିପୋରେ ଚଢ଼ଉ କରି ଟିକିନିଖି ତଦନ୍ତ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଏଜେନ୍ସି କର୍ମଚାରୀଙ୍କୁ ପଚାରି ରିପୋର୍ଟ ଲେଖିବା ସହିତ ଅଭିଯୋଗକାରୀଙ୍କୁ ନୂତନ ଗ୍ୟାସ ପ୍ରଦାନ କରିଛନ୍ତି।

## ଡେଲଟା କଲେଜ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ

ଡେରାବିଶ,୫।୨(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଭିତରବମ୍ଫୁସ୍ଥ ଡେଲଟା କଲେଜ ପ୍ରତିଷ୍ଠାତା ପ୍ରଭାକର ପ୍ରଧାନଙ୍କ ଏକବିଂଶତମ ଶ୍ରାଦ୍ଧ ଉତ୍ସବ ଓ କଲେଜର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡକ୍ଟର ହରିହର କାନୁନ୍‌ଗୋ, ମୁଖ୍ୟବକ୍ତା ଭାବେ ସାରସ୍ୱତ ସାଧକ ଡକ୍ଟର ବୈଷ୍ଣବ ସାମଲ, ସମ୍ମାନିତ ଅତିଥି ଭାବେ ଭ୍ରାଇଁ ହରିବନ୍ଧୁ ପ୍ରଧାନ, ପୁତ୍ର ନୀଳକଣ୍ଠ ପ୍ରଧାନ, କନ୍ୟା ସୁଜାତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ଅଜୟ ନାୟକ, ରଜତ ବଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଲେଜର ମୋନାଲିସା ମହାରଣାଙ୍କୁ ପ୍ରଭାକର ସ୍ମାରକୀ ଓ ଅର୍ଚ୍ଚିତା ବଳଙ୍କୁ ସରସ୍ୱତୀ ସ୍ମାରକୀ ବୃତ୍ତି ପ୍ରଦାନ କରାଯାଇଥିଲା। ସୁବାସ ତ୍ରିପାଠୀ, ବିକ୍ରମ ବିଶ୍ୱାଳ, ଶିଶିର ଷଡ଼ଙ୍ଗୀ, ଗଦାଧର ବେହେରା, ଅଧ୍ୟାପିକା ମମତା ପ୍ରଧାନ, ମମତା ପଲେଇ ଓ ଅଣଶିକ୍ଷକ କର୍ମଚାରୀ ପ୍ରଭାତ ସ୍ୱାଇଁ, ପ୍ରମୋଦ ସାମଲ, ଜୟନ୍ତ ସାହୁ, ନମିତା ମହାରଣା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ମହେଶ ଶତପଥୀ, କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ସ୍ୱାଇଁ, ଅଧ୍ୟାପକ ଡକ୍ଟର ପବିତ୍ର ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଅନୀଲ ମଲିକ, ସସ୍ମିତା ବଳ ଓ ସାଂସ୍କୃତିକ ପ୍ରତିଯୋଗିତାରେ ସାଗରିକା ରାଉତଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ପ୍ରଦୀପ ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରକୁ ବିପଦ ୨ଟି ମଲା ଗଛ ନିଲାମ

ପଞ୍ଚୁପାଣ୍ଡବ,୫।୨(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ଏକ କେନାଲ ବନ୍ଧରେ ଘରକୁ ଲାଗି ମଲା ଚାକୁଣ୍ଡା ଗଛ ଥିବା ଅଭିଯୋଗ ହୋଇଥିଲା। ପଟ୍ଟାମୁଣ୍ଡାଇ କେନାଲ ୮ ନମ୍ବର (କ) କେନାଲ ବନ୍ଧ ଦଳିତ ସାହିର ଏକ ଘର ନିକଟରେ ଥିବା ମଲା ଗଛ ଘରକୁ ବିପଦ ଥିବା ଡେରାବିଶ ତହସିଲରେ ପ୍ରାୟ ୬ ମାସ ତଳେ ଅଭିଯୋଗ ହୋଇଥିଲେ ସୁଦ୍ଧା କେହି ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଗ୍ରାମର ଅଶୋକ ଜେନା ତହସିଲଦାର ସରୋଜ ନାୟକଙ୍କୁ ଭେଟି ଜଣାଇଥିଲେ। ତହସିଲଦାର ରାଜନଗର ଆର୍ଆଇଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ ସୁଦ୍ଧା ଗଛ କାଟିବାରେ ବିଳମ୍ବ ହୋଇଥିଲା। ଏ ସମ୍ପର୍କରେ 'ସକାଳ' ଖବରକାଗଜରେ ପ୍ରକାଶ କରାଯାଇଥିଲା। ଏହାକୁ ଜଳ ସମ୍ପଦ ବିଭାଗ ଅଧିକାରୀ ପ୍ରମୋଦ ରାୟ ଗୁରୁତର ସହ ନେଇ ଦୁଇଟି ମଲା ଗଛକୁ ନିଲାମ କରାଇଥିଲେ। ଜଳ ସମ୍ପଦ ଅଫିସରେ ନିଲାମ ହେଲା ପରେ ବିପଦସଙ୍କୁଳ ଅବସ୍ଥାରେ ଥିବା ମଲା ଗଛକୁ କଟାଯାଇଥିବା ଦେଖିବାକୁ ମିଳିଛି।

## ଗୋବିନ୍ଦପୁର ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୫।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିମୟୀ ପାଣିଙ୍କ ପୌରୋହିତ୍ୟ ଓ ବାଲିପାଟଣା ହାଇସ୍କୁଲ ସହକାରୀ ଶିକ୍ଷକ ଦିବାକର ଦାଶଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ପ୍ରେମବାଳା



ମହାପାତ୍ର ମୁଖ୍ୟଅତିଥି, ଶିକ୍ଷକ ନେତା ସିଆରସିସି ମଳୟ ଜେନା ମୁଖ୍ୟବକ୍ତା, କ୍ଲଷ୍ଟର ସିଆରସିସି ନମିତା ସାହୁ, ଗୋବିନ୍ଦପୁର ହାଇସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ ପୃଷ୍ଟି, ଚନ୍ଦନନଗର ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ଧବଳେଶ୍ୱର ଖଣ୍ଡାୟୀ, ଗୋବିନ୍ଦପୁର ନୋଡାଲ ଉପ୍ରା ସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରମୋଦ ଦାଶ, ଶିକ୍ଷାବିତ ଶୀତଳ ପରିଡା ଓ ସ୍କୁଲ ପରିଚାଳନା କମିଟି ସଭାପତି ଅଶ୍ୱିନୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଭଲ ମଣିଷ ଭାବେ ଗଢି ତୋଳିବାକୁ ପରାମର୍ଶ ଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁନିତୀ ମହାପାତ୍ର ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର ଅତିଥିପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଶାନ୍ତ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ନାୟକ, ଜିତେନ୍ଦ୍ର ସାହୁ ଓ ନିମାଇଁ ଗୋଚ୍ଛାୟତ ପରିଚାଳନା କରିଥିଲେ।

## କଳିଙ୍ଗ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡେରାବିଶ,୫।୨(ସମିସ): ଦାନପୁର ପଂଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟର ୧୬ତମ ବାର୍ଷିକ ଉତ୍ସବ ଚାନ୍ଦୋଳରେ ଥିବା ତୃତୀୟ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱର୍ଣ୍ଣ ଓଡ଼ିଶାର ସମ୍ପାଦକ ମନୋଜ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତାମିଲନାଡୁର ରାଜା ବୃନ୍ଦାବନ ଏଜୁ୍ୟକେଶନ ଗ୍ରୁପର ପ୍ରତିଷ୍ଠାତା ବିକେ ବସନ୍ତ ରାଜନ, ମୁଖ୍ୟବକ୍ତା ଭାବେ ତାମିଲନାଡ଼ର ୱାଇକେଏସ୍ ଆଲୋୟେସ୍ ପ୍ରା. ଲିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅତିଶ ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଏ ଅବସରରେ କଳିଙ୍ଗ ଆବାସିକ ବିଦ୍ୟାଳୟର ଅନ୍ୟଏକ ଇଂରାଜୀ ମାଧ୍ୟମ ଶିକ୍ଷାନୁଷ୍ଠାନ ବଦନୀଦେବୀ ପବ୍ଲିକ ସ୍କୁଲକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଦନୀଦେବୀ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ କ୍ୟାମ୍ପସର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତି, ତୃତୀୟ ଓ ଚତୁର୍ଥ କ୍ୟାମ୍ପସର ଅଧ୍ୟକ୍ଷ ଅନୀଲ ଦାଶ, ଶିଳ୍ପୋଦ୍ୟୋଗୀ ପ୍ରମୋଦ ପ୍ରଧାନ, ସ୍ୱର୍ଣ୍ଣ ଓଡ଼ିଶାର ସହସମ୍ପାଦକ ଅଜୟ ପ୍ରଧାନ ଓ ଶିକ୍ଷାବିତ ନୃସିଂହ ଚରଣ ପରିଡ଼ା ଯୋଗଦେଇଥିଲେ। ଛାତ୍ରୀ ସିଦ୍ଧିକା ରାହାତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ସ୍ୱାଇଁ, ମଧୁସ୍ମିତା ପଲାଇ, ବିଜୟଲକ୍ଷ୍ମୀ ପାତ୍ର, ରାଜଲକ୍ଷ୍ମୀ ରଥ ଓ ସୁନୀତା ପ୍ରତାପ ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଧିରେନ ପଣ୍ଡା, ସବ୍ୟସାଚୀ ମିଶ୍ର, ଅଶୋକ ବେହେରା, ସୌମେନ୍ଦ୍ର ଭୂୟାଁ, ଅବିନାଶ ପଲାଇ, ଚିତ୍ତରଞ୍ଜନ ସାମଲ, ଅନନ୍ତ ମଲିକ, ଅଜୟ ନାୟକ, ବସନ୍ତ ସାମଲ, ଶିବପ୍ରସାଦ ସାହୁ, ଦୁର୍ଗାପ୍ରସାଦ ପଣ୍ଡା, ଅମରେନ୍ଦ୍ର ଦାସ, ଅନୀଲ ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସଙ୍ଗୀତା ନାୟକ, ବନଲତା କର, ହର୍ଷିତା ଦାସ, ପ୍ରିୟଙ୍କା ମିଶ୍ର, ମୋନିକା ଦାସ ପ୍ରମୁଖ ସହଯୋଗ କରିଥିଲେ।

## ମାତାପିତା ଭରଣପୋଷଣ ଓ କଲ୍ୟାଣ ସଚେତନତା

କେନ୍ଦ୍ରାପଡ଼ା,୫।୨(ସମିସ): ବୟସ୍କଙ୍କ ସୁରକ୍ଷା, ସମ୍ମାନ ଓ ସାମାଜିକ ସୁବିଧା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ାରେ ମାତାପିତା ଭରଣପୋଷଣ ଓ କଲ୍ୟାଣ ଆଇନ ୨୦୦୭ ସମ୍ପର୍କିତ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି ଯୋଗ ଦେଇଥିଲେ। କର୍ମଶାଳାରେ ବୃଦ୍ଧ ବୟସ୍କଙ୍କ ଅଧିକାର, ଆଇନଗତ ସୁରକ୍ଷା ଓ ସାମାଜିକ ସହଯୋଗ ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବୃଦ୍ଧଙ୍କ ଭରଣପୋଷଣ ପ୍ରତି ପରିବାର ସଦସ୍ୟଙ୍କ ଦାୟିତ୍ୱ, ତାଙ୍କ ସମ୍ମାନ ଓ ସୁରକ୍ଷା ନିମନ୍ତେ ଆଇନର ମହତ୍ତ୍ୱ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏହାସହ ସରକାରୀ ସୁବିଧା, ଆର୍ଥିକ ସହାୟତା, ଚିକିତ୍ସା ସେବା ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। କର୍ମଶାଳାରେ ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ବୃଦ୍ଧବୟସ୍କଙ୍କ ସୁରକ୍ଷା, ସାମାଜିକ ଓ ମାନସିକ ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ, ପୁଲିସ ବିଭାଗ ପ୍ରତିନିଧି ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ ଯୋଗଦେଇ ବୃଦ୍ଧବୟସ୍କଙ୍କ ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ।

## ନରସିଂହପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ



ଡେରାବିଶ,୫।୨(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁରସ୍ଥ ଗହଗା ନରସିଂହପୁର ପ୍ରକଳ୍ପ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଡକ୍ଟର ନିରନ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ସହକାରୀ ଶିକ୍ଷାଧିକାରୀ ଦେବଦତ୍ତ ଶତପଥୀ, ମୁଖ୍ୟବକ୍ତା ଭାବେ ସହକାରୀ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର ଓ ସମ୍ମାନିତ ଅତିଥି ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସିଆରସିସି ବିଶ୍ୱଜିତ ମୁଦୁଲି, ମୋ ବିଦ୍ୟାଳୟ କମିଟି ସଭାପତି ଜେନାମଣି ବଳ, ଜଗନ୍ନାଥ ପଣ୍ଡା, ସମିତିସଭ୍ୟ ପ୍ରିୟତମା ଦାଶ, ସମାଜସେବୀ ଯଶୋବନ୍ତ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଲ୍ଲିକା ଦେଇ, କୁନା କୁମାରୀ ସ୍ୱାଇଁ ଓ ପ୍ରଧାନଶିକ୍ଷକ ମିନତୀ ଶତପଥୀ ଯୋଗ ଦେଇଥିଲେ। ସମାଜସେବୀ ଉମେଶ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ନୂତନ ଭାବେ ନିର୍ମିତ ବିଦ୍ୟାଳୟର ମୁଖ୍ୟ ତୋରଣ, ପାନୀୟଜଳ ପ୍ରକଳ୍ପ ଓ ଶୌଚାଳୟକୁ ଉଦ୍‌ଘାଟନ କରିଥିବାବେଳେ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏ ଅବସରରେ ଶିକ୍ଷକ ସଞ୍ଜୀବ ଦ୍ୱିବେଦୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ଦେବୀପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଜୟାନନ୍ଦ ନାୟକ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାୟକ ଓ ପୁରାତନ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ଚାଷୀଙ୍କ କାମରେ ଲାଗୁନି ସେଚ ପଏଣ୍ଟ

### ପାଣି ବିନା ଉଜୁଡ଼ିଯାଉଛି ଫସଲ

ପଟ୍ଟାମୁଣ୍ଡାଇ,୫।୨(ସମିସ)

କୃଷକ ଓ କୃଷି କ୍ଷେତ୍ରର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କୃଷକଙ୍କୁ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରୁଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଠାରୁ ଆରମ୍ଭ କରି ସିଏମ କିସାନ, ପିଏମ କିଷାନ ଆଦି ଯୋଜନା କରାଯାଇଛି। କିନ୍ତୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଚାଷୀ ପାଣି ଅଭାବରୁ ଚାଷ କାର୍ଯ୍ୟ କରି ନ ପାରି ହତାଶ ହେଉଛି। ଉଠାଜଳସେଚନ ମାଧ୍ୟମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରକଳ୍ପ ଦୂରଦୃଷ୍ଟି ଅଭାବ ହେତୁ ଚାଷ କାମରେ ବ୍ୟବହାର ହୋଇ ନ ପାରି ଅଚଳ ଅବସ୍ଥାରେ ପଡି ରହିଛି।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଅଞ୍ଚଳର ଅଣ୍ଡରା ପଞ୍ଚାୟତରେ ୧୧ଟି ଉଠାଜଳସେଚନ ପଏଣ୍ଟ ପାଇଁ ପାଣି ପଞ୍ଚାୟତ ଗଠନ କରାଯାଇ ଚାଷୀ ଉପକୃତ ହେଉଥିଲେ। ପ୍ରଥମେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା, ସହଯୋଗ ଅଭାବ ସହିତ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଚାଷୀ ନିରାଶ ହୋଇଥିଲେ। ତେବେ କେତେକ ଚାଷୀଙ୍କ ଉଦ୍ୟମରେ ୫/୬ଟି ପାଣି ପଞ୍ଚାୟତ ଗଠନ ହୋଇଥିଲା। ବିଡମ୍ବନାର ବିଷୟ ବାତ୍ୟା ଫନି ଦ୍ୱାରା ବିଜୁଳି ଖୁଣ୍ଟ ଭୁଷୁଡ଼ି ପଡିବା ଫଳରେ ତାର ଓ ଟ୍ରାନ୍ସଫର୍ମର ଚୋରି ହୋଇଯାଇଥିଲା।



ଅନ୍ୟପକ୍ଷରେ ପାଣି ମଟର ଓ ପମ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଚାଷୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭେଟି ନିରାଶ ହୋଇଥିଲେ। ଗତ ଜାନୁଆରୀ ୧୨ ତାରିଖରେ ସିଂହଗାଁ-୯ ପ୍ରଗତି ପାଣି ପଞ୍ଚାୟତ ସମ୍ପାଦକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରକଳ୍ପ ଚାଲୁ କରିବାକୁ ଦାବି କରିବା ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀକୁ ୧ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ। ଅନୁରୂପ ଭାବେ ସିଂହଗାଁ -୭ ବଜରଙ୍ଗୀ ପାଣି ପଞ୍ଚାୟତ, ଅଣ୍ଡରା-୧୦ ଚମ୍ପକେଶ୍ୱର ମହାଦେବ ପାଣି ପଞ୍ଚାୟତ, ଅଣ୍ଡରା-୮ ଶ୍ରୀରାମ ପାଣି ପଞ୍ଚାୟତ, ଅଣ୍ଡରା-୩ ଠାକୁରାଣୀ ପାଣି ପଞ୍ଚାୟତ, ଅଣ୍ଡରା-୯ ମା' ଲକ୍ଷ୍ମୀ ପାଣି ପଞ୍ଚାୟତର ଚାଷୀ ଏସବୁ ଉଠା ଜଳସେଚନ ପ୍ରକଳ୍ପକୁ ପୁନରାୟ ଚାଲୁ କରିବାକୁ ଚାହୁଁଥିବାବେଳେ ବିଜୁଳି ଯୋଗାଣ ନ ଥିବାରୁ ଚାଷୀ ନିରାଶ ହୋଇଛନ୍ତି। ରାଜ୍ୟ ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଶେଷକରି ଜଳସେଚନ ପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ସ୍ଥଳେ ଅଣ୍ଡରା ପଞ୍ଚାୟତର ଚାଷୀ ଉପେକ୍ଷିତ ହେଉଥିବା ଦେଖାଯାଉଛି। ଖରସ୍ରୋତା କାଣୀରୁ ଉତ୍ପନ୍ନ ଗୁଡ଼ିଆ ଯୋର ଉପରେ ପୋଲ ହୋଇ ନ ପାରିବାରୁ ଚାଷୀ ବର୍ଷ ତମାମ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଅତ୍ୟନ୍ତ ଉର୍ବର ୧ ହଜାର ହେକ୍ଟର ଚାଷଜମିରେ ପହଞ୍ଚିବାକୁ ପ୍ରତିବନ୍ଧକ ସାଜିଥିବା ଗୁଡ଼ିଆଯୋର ଉପରେ ସେତୁ ନିର୍ମାଣ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଜ୍ଞପ୍ତି ଜାରି କରିଥିଲେହେଁ ଅଦ୍ୟାବଧି କୌଣସି ଅଗ୍ରଗତି ହୋଇନାହିଁ। ଦେଖିବାକୁ ବାକି ରହିଲା ଲୋକଙ୍କ ସରକାର କେବେ ଅଣ୍ଡରା କୃଷକଙ୍କ ପାଣି ସମସ୍ୟା ଦୂର କରିବେ।

# କାମାକ୍ଷାନଗରକୁ କେବେ ଗଡ଼ିବ ପାସେଞ୍ଜର ଟ୍ରେନ୍






**କାମାକ୍ଷାନଗର, ୫।୨(ସମିସ)**

ଢେଙ୍କାନାଳ ଜିଲ୍ଲାର ସବୁଠାରୁ ବୃହତ୍ତମ ଉପଖଣ୍ଡ ଭାବେ କାମାକ୍ଷାନଗର ପରିଗଣିତ। କାମାକ୍ଷାନଗର, ଭୁବନ, ପରଜଙ୍ଗ ଓ କଙ୍କଡ଼ାହାଡ଼ ଭଳି ୪ଟି ବ୍ଲକକୁ ନେଇ ଲକ୍ଷାଧିକ ଜନସଂଖ୍ୟା ବିଶିଷ୍ଟ ଏହି ଉପଖଣ୍ଡ ରାଜ୍ୟର ଏକ ଅଗ୍ରଣୀ ଅଞ୍ଚଳ ଭାବେ ଜଣାଶୁଣା। କିନ୍ତୁ ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହି ଉପଖଣ୍ଡର ଲକ୍ଷାଧିକ ଲୋକ ଟ୍ରେନସେବାରୁ ବଞ୍ଚିତ ରହିଛନ୍ତି। ସମସ୍ତ ଭିତ୍ତିଭୂମି ଥାଇ କାମାକ୍ଷାନଗର ଉପଖଣ୍ଡରେ ଗଡ଼ିପାରୁନି ପାସେଞ୍ଜର ଟ୍ରେନ।

ଢେଙ୍କାନାଳ ଜିଲ୍ଲା ରାଜ୍ୟର କେନ୍ଦ୍ରସ୍ଥଳରେ ଅବସ୍ଥିତ। ଗମନାଗମନ କ୍ଷେତ୍ରରେ ଢେଙ୍କାନାଳ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପୂର୍ବରୁ ପଶ୍ଚିମ ଓଡ଼ିଶା ଏବଂ ଉତ୍ତରରୁ ଦକ୍ଷିଣ ଓଡ଼ିଶାକୁ ଯାତାୟାତ ପାଇଁ ଢେଙ୍କାନାଳ ଜିଲ୍ଲା ଉପରେ ନିର୍ଭର କରନ୍ତି ରାଜ୍ୟବାସୀ। ଗମନାଗମନକୁ ବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ଦେଇ ତିନିଟି ଜାତୀୟ ରାଜପଥ ଯାଇଥିବା ବେଳେ ଜିଲ୍ଲା ସଦର ମହକୁମାରେ ରହିଛି ରେଳ ଷ୍ଟେସନ। ଏତେସବୁ ପରେ ବି ଜିଲ୍ଲାର ବୃହତ୍ତମ ଉପଖଣ୍ଡ କାମାକ୍ଷାନଗରର ଲକ୍ଷାଧିକ ଜନସାଧାରଣ ଗମନାଗମନ କ୍ଷେତ୍ରର ବେଶ୍ ପଛୁଆ। କାରଣ କାମାକ୍ଷାନଗର ଉପଖଣ୍ଡବାସୀ ଆଜିପର୍ଯ୍ୟନ୍ତ ଟ୍ରେନସେବାରୁ ବଞ୍ଚିତ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାମାକ୍ଷାନଗର ଉପଖଣ୍ଡ ଦେଇ ଅନୁଗୋଳ ଜିଲ୍ଲା ବୁଢ଼ାପଙ୍କଠାରୁ ଯାଜପୁର ଜିଲ୍ଲା ସୁକିନ୍ଦା ପର୍ଯ୍ୟନ୍ତ ଟ୍ରେନ ଲାଇନ ରହିଛି। ତେବେ ଏହି ରେଳପଥରେ ମାଲବାହୀ ଟ୍ରେନ ଚଳାଚଳ କରୁଛି। ସମସ୍ତ ଭିତ୍ତିଭୂମି ଥାଇ ଆଜିପର୍ଯ୍ୟନ୍ତ କୌଣସି ପାସେଞ୍ଜର ଟ୍ରେନ ଚଳାଚଳ ହୋଇ ପାରୁନାହିଁ।

୧୯୯୭ରେ କାମାକ୍ଷାନଗର ସହର ସାରଙ୍ଗଧର ଷ୍ଟାଡିୟମରେ ତତ୍କାଳୀନ ରେଳମନ୍ତ୍ରୀ ସ୍ୱର୍ଗତ ରାମବିଳାସ ପାଶ୍ୱାନ କାମାକ୍ଷାନଗର ଉପଖଣ୍ଡ ଦେଇ ଟ୍ରେନ ଚଳାଚଳ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। ଏହାର ପ୍ରାୟ ୨୩ ବର୍ଷ ପରେ ୨୦୨୦ରେ କାମାକ୍ଷାନଗର ଉପଖଣ୍ଡ ଦେଇ ଟ୍ରେନ ଚଳାଚଳ କରିବା ପାଇଁ ସରକାରଙ୍କ ତରଫରୁ ଜମି ଅଧିଗ୍ରହଣ କରାଯାଇଥିଲା। ଟ୍ରେନ ଚଳାଚଳ ପାଇଁ ସ୍ଥାନୀୟ ଲୋକେ ନିଜର ହଜାରହଜାର ଏକର ଜମିକୁ ଶାଗମାଛ ଦରରେ ସରକାରଙ୍କ ହାତକୁ ଟେକି ଦେଇଥିଲେ। ଦୀର୍ଘଦିନର ଅପେକ୍ଷା ପରେ ଅନୁଗୋଳ ଜିଲ୍ଲା ବୁଢ଼ାପଙ୍କଠାରୁ ଯାଜପୁର ସୁକିନ୍ଦା ପର୍ଯ୍ୟନ୍ତ ପ୍ରାୟ ୮୫ କିଲୋମିଟର ଟ୍ରେନଲାଇନ ନିର୍ମାଣ ହେଲା। ପ୍ରାୟ ୪ବର୍ଷ ତଳେ ପ୍ରଥମକରି କାମାକ୍ଷାନଗର ଉପଖଣ୍ଡରେ ମାଲବାହୀ ଟ୍ରେନ ଗଡ଼ିଥିଲା। ଦୀର୍ଘଦିନର ସ୍ୱପ୍ନ ବାସ୍ତବ ରୂପ ନେଉଥିବା ଜାଣି ସ୍ଥାନୀୟ ଲକ୍ଷାଧିକ ଜନସାଧାରଣ ବେଶ ଆନନ୍ଦିତ ଥିବାବେଳେ ଏହି ଆନନ୍ଦ ଅଳ୍ପଦିନ ମଧ୍ୟରେ ନିରାଶାରେ ପରିଣତ ହେଲା। ମାଲବାହୀ ଟ୍ରେନ ଗଡ଼ିବାର ଚାରିବର୍ଷ ହୋଇଯାଇଥିବା ବେଳେ ଆଜିପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ ଏହି ଟ୍ରେନଲାଇନ ଦେଇ ଗଡ଼ିପାରିଲା ନାହିଁ। ଯାହାକୁ ନେଇ ଅନେକ ସମୟରେ ସ୍ଥାନୀୟ ଲୋକେ ଦୂର ସ୍ଥାନକୁ ଯିବାଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳର ଜନସାଧାରଣ ଟ୍ରେନରେ ରାଜ୍ୟର କୌଣସି ସହର କିମ୍ବା ରାଜ୍ୟ ବାହାରକୁ ଯିବାର ଥିଲେ, କାମାକ୍ଷନଗରରୁ ୭୦ କିଲୋମିଟର ଦୂର ଯାଜପୁର ରୋଡ୍, ୫୦ କିଲୋମିଟର ଦୂର ତାଳଚେର ଏବଂ ୪୦ କିଲୋମିଟର ଦୂର ଢେଙ୍କାନାଳ ଷ୍ଟେସନ ଉପରେ ନିର୍ଭର କରୁଛନ୍ତି। ଏହି ଲାଇନ୍‌ରେ ପାସେଞ୍ଜର ଟ୍ରେନ ଚଳାଇବାକୁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଏହା କେବଳ ରାଜନୀତି ମଧ୍ୟରେ ସୀମିତ ରହିଯାଇଛି। ଆଜିପର୍ଯ୍ୟନ୍ତ କାମାକ୍ଷାନଗର ଉପଖଣ୍ଡବାସୀ ପାସେଞ୍ଜର ଟ୍ରେନ ସେବାରୁ ବଞ୍ଚିତ ହୋଇଥିବା ବେଳେ ତୁରନ୍ତ ଏହି ଟ୍ରେନଲାଇନରେ ପାସେଞ୍ଜର ଟ୍ରେନ ଚଳାଇବାକୁ ସରକାରଙ୍କୁ ଦାବି କରିଛନ୍ତି।

**ସମସ୍ତ ସୁବିଧା ଥାଇ ରେଳସେବାରୁ ବଞ୍ଚିତ ଅଞ୍ଚଳବାସୀ**

**ସ୍ଥାନୀୟ ନେତୃତ୍ୱଙ୍କୁ ସମାଲୋଚନା କଲେ ବିଜେଡି ଓ କଂଗ୍ରେସ**

ଅନ୍ୟପଟେ ବୁଢ଼ାପଙ୍କରୁ ସୁକିନ୍ଦା ପର୍ଯ୍ୟନ୍ତ ଦୈନିକ ଅପ୍ ଓ ଡାଉନ ଲାଇନରେ ପ୍ରାୟ ୪୦ଟି ମାଲବାହୀ ଟ୍ରେନ ଚଳାଚଳ କରୁଛି। ଏହି ରୁଟରେ ପ୍ରତ୍ୟେକ ଦିନ ହଜାରହଜାର ଟନ କୋଇଲା, ଆଇରନ, କ୍ରୋମାଇଟ ଇତ୍ୟାଦି ବହୁ ମୂଲ୍ୟବାନ ଖଣିଜ ପଦାର୍ଥ ପରିବହନ ହେଉଛି। ସ୍ଥାନୀୟ ଅଞ୍ଚଳରେ ଥିବା ବହୁ ବଡ଼ବଡ଼ କଳକାରଖାନାକୁ ବିଭିନ୍ନ ସାମଗ୍ରୀ ଏହି ରୁଟ ଦେଇ ପରିବହନ ହେଉଛି। ଫଳରେ ସରକାର ଏହି ରୁଟ ଯୋଗୁଁ ବିପୁଳ ପରିମାଣରେ ରାଜସ୍ୱ ଆଦାୟ କରୁଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କୁ ଭୁଆଁ ବୁଲାଇବାରେ ଲାଗିଛନ୍ତି। ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲୁଥିବା ବେଳେ କାମାକ୍ଷାନଗର ଅଞ୍ଚଳବାସୀଙ୍କୁ ଏକ ପାସେଞ୍ଜର ଟ୍ରେନ ଇଞ୍ଜିନ ଦେଖାଇବାରେ ସରକାର ବିଫଳ ହୋଇଛନ୍ତି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ପାର୍ଲାମେଣ୍ଟରେ ଏହି ରୁଟରେ ପାସେଞ୍ଜର ଟ୍ରେନ ଚଳାଚଳକୁ ଦାବି କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଯାହାକୁ ନେଇ ସାଂସଦ ପାଣି ଓ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ସ୍ଥାନୀୟ କଂଗ୍ରେସ ଓ ବିଜେଡି ନେତା। ସାଂସଦଙ୍କ କଥାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉନାହାନ୍ତି ଏବଂ କାମାକ୍ଷାନଗର ଅଞ୍ଚଳ ଦେଇ ପାସେଞ୍ଜର ଟ୍ରେନ ଚଳାଚଳକୁ ବିଜେପି କେବଳ ରାଜନୀତି କରାଉଥିବା କହିଛନ୍ତି ନଗର କଂଗ୍ରେସ ସଭାପତି କାମାକ୍ଷା ପ୍ରସାଦ ପଣ୍ଡା। ସେହିପରି ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ମଧ୍ୟ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। କାମାକ୍ଷାନଗର ଦେଇ ଯାଉଥିବା ମାଲବାହୀ ଟ୍ରେନଗୁଡ଼ିକରେ କୋଇଲା ଯାଇ ଷ୍ଟେସନ ନିକଟରେ ଡିପୋ କରାଯାଇ ସହର ପ୍ରଦୂଷିତ ହେଉଛି। ବଡ଼ବଡ଼ କମ୍ପାନୀ ଏହାର ଫାଇଦା ନେଉଥିବା ବେଳେ ସ୍ଥାନୀୟ ଲୋକେ ଟ୍ରେନ ସେବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ପାସେଞ୍ଜର ଟ୍ରେନ ଚଳାଇବା ପାଇଁ ଆଗାମୀ ଦିନରେ ବିଜେଡି ତରଫରୁ ଦାବି ଜୋରଦାର ହେବ କରାଯିବ ବୋଲ୍ଲ କୁହାଯାଇଛି। ତୁରନ୍ତ ଏହି ରୁଟରେ ପାସେଞ୍ଜର ଟ୍ରେନ ଚଳାଇବା ପାଇଁ ରେଳମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା କହିଛନ୍ତି। ଲୋକଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯାଉଥିବା ସେ ପ୍ରକାଶ କରିଛନ୍ତି।

## ହିନ୍ଦୋଳରେ ବାଘ ଆତଙ୍କ



**ହିନ୍ଦୋଳ, ୫।୨(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରେ କଲରାପତିଆ ବାଘ ଆତଙ୍କ ଦେଖାଦେଇଛି। ବାଘ ଲୋକଙ୍କ ଗୁହାଳରେ ପଶି ୮ଟି ମେଣ୍ଢାକୁ ଝୁଣି ମାରିଦେଇଥିବା ଅଭିଯୋଗ ହୋଇଛି। ହିନ୍ଦୋଳ ବନାଞ୍ଚଳ କଂସରା ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମରେ ଏଭଳି ଘଟଣା ଘଟିଛି।

ଗୋବର୍ଦ୍ଧନପୁର ଗାଁର କୈଳାସ ମହାକୁଡ଼ ଦୀର୍ଘବର୍ଷ ଧରି ୨୦ରୁ ଊର୍ଦ୍ଧ୍ୱ ମେଣ୍ଢା ପାଳନ କରି ପରିବାର ପ୍ରତିପୋଷଣ କରୁଥିଲେ। ପ୍ରତିଦିନ ପରି ମେଣ୍ଢା ଚରାଇ ଫେରିବା ପରେ ବୁଧବାର ସନ୍ଧ୍ୟାରେ ଗୁହାଳ ଘରେ ସେମାନଙ୍କୁ ଭର୍ତ୍ତି କରିଥିଲେ। ତେବେ ରାତିରେ ମେଣ୍ଢାଙ୍କ ଚିତ୍କାର ଶୁଣିବାକୁ ମିଳିଥିଲେ ମଧ୍ୟ କୈଳାସ ଗୁହାଳ ଭିତରକୁ ଯିବାକୁ ସାହସ କରିପାରି ନ ଥିଲେ। ସକାଳେ ଗୁହାଳରେ ୮ଟି ମେଣ୍ଢା ମରି ପଡ଼ିଥିବା ସହ ନିକଟରେ ପାଦଚିହ୍ନ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ କୈଳାସ ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଦଚିହ୍ନ ଠାବ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ପାଦଚିହ୍ନରୁ ଏହା କଲରାପତରିଆର ବୋଲି ଅନୁମାନ କରାଯାଉଛି। ଖୁବଶୀଘ୍ର ଅଞ୍ଚଳରେ କ୍ୟାମେରା ଲଗାଯିବା ସହ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି। ଏହି ଘଟଣା ପରେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। କୈଳାସଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକ ଦାବି ହେଉଛି।

## ଅନୁମତି ନ ଥାଇ ମୋରମ ଚାଲାଣ



**ପରଜଙ୍ଗ, ୫।୨(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ କୁଆଳୋ ମୌଜା ଖାତା ନମ୍ବର-୩୦୪, ପ୍ଲଟ ନମ୍ବର-୩୬୭୭ରୁ ଖଣି ବିଭାଗ ପକ୍ଷରୁ ସାଧାରଣ ମାଟି ଉତ୍ତୋଳନ କରି ନେବାକୁ ଅନୁମତି ପ୍ରଦାନ କରିଥିବା ବେଳେ ଦିବାଲୋକରେ ମୋରମ ଚାଲାଣ କରାଯାଉଛି। ଏ ନେଇ ଅଭିଯୋଗ ସତ୍ତ୍ୱେ ବିଭାଗ ନିରବଦ୍ରଷ୍ଟା ସାଜିଛି। ଅଭିଯୋଗ ମୁତାବକ ଏମ୍/ଏସ୍ ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ଲିମିଟେଡ ସଂସ୍ଥା ପକ୍ଷରୁ ତାଳଚେର ଚାଇଁପାଳସ୍ଥିତ ଏକ ପୋଲ ନିର୍ମାଣ ପାଇଁ ମାଟି ବ୍ୟବହାର ନିମନ୍ତେ କୁଆଳୋ ମୌଜାରୁ ନେବାକୁ ଖଣି ବିଭାଗ ପକ୍ଷରୁ ଦୁଇ ହଜାର ଘନଫୁଟ ମାଟି ଖୋଳିବାକୁ ଅନୁମତି ପ୍ରଦାନ କରାଯାଇଛି। ଖଣି ବିଭାଗ ପକ୍ଷରୁ ରହିଥିବା ସର୍ତ୍ତାବଳୀଗୁଡ଼ିକ ଅନୁପାଳନ ନ କରି କମ୍ପାନୀ ପକ୍ଷରୁ ମାଟି ପରିବର୍ତ୍ତେ ମୋରମ ଖନନ କରି ପରିବହନ ହେଉଛି। ମୋରମ ଖନନ ନିମନ୍ତେ ଖଣି ଯୋଜନାର ଆବଶ୍ୟକତା ଥିବାରୁ କମ୍ପାନୀ ପକ୍ଷରୁ ସାଧାରଣ ମାଟି ନେବାକୁ ନଥିପତ୍ରରେ ଦର୍ଶାଇ ବେଆଇନ ଭାବେ ମୋରମ ଚାଲାଣ କରୁଥିବା ଦେଖିବାକୁ ମିଳିଛି। ତଦନ୍ତ କରାଯାଇ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଳଚେର ଶାଖା ଖଣି ଉପନିର୍ଦ୍ଦେଶକ କହିଛନ୍ତି।

## କଲେଜ ପ୍ରତିଷ୍ଠାତାଙ୍କ ବିୟୋଗରେ ଶୋକ

**ଗଁଦିଆ, ୫।୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କପିଳାସ କଲେଜ ପରିସରରେ କଲେଜର ପ୍ରତିଷ୍ଠାତା ବିଶ୍ୱନାଥ ଜେନାଙ୍କ ବିୟୋଗରେ ଅଧ୍ୟକ୍ଷ ଗୋଲକ ନାୟକଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଛି। ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ତାଙ୍କ ସ୍ମୃତିଚାରଣ କରିଥିଲେ। ଆଜି ତାଙ୍କ ସମ୍ମାନାର୍ଥେ ସମସ୍ତ କ୍ଲାସ୍ ସସ୍‌ପେଣ୍ଡ କରାଯାଇଥିଲା।

## ଘୁଣ୍ଟୁଲିପଶିକୁ ରାଜସ୍ୱ ଗ୍ରାମ ଘୋଷଣା



**କଙ୍କଡାହାଡ, ୫।୨(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ ବାମ ପଞ୍ଚାୟତ ଘୁଣ୍ଟୁଲିପଶି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିଥିବା ଘୋଷଣା ହେବା ପରେ ଗ୍ରାମରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତହସିଲଦାର ସୌଦାମିନୀ ନାୟକ ଯୋଗଦେଇ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଗ୍ରାମର ଭିତ୍ତିଭୂମି କିଭଳି ସୁଦୃଢ଼ ହୋଇପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ସୁଜିତ କୁମାର ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନାଉରୀ ସିଂହ, ବାମ ସମିତି ସଭ୍ୟା ଲକ୍ଷ୍ମୀ ହେମ୍ବ୍ରମ, ସମାଜସେବୀ ରାମଚନ୍ଦ୍ର ମହାନ୍ତ, ପଦ ବେହେରା, ଗଙ୍ଗାଧର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଲମ୍ବୋଦର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଧନ୍ୟମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ରାଜସ୍ୱ ଗ୍ରାମ ଘୋଷଣା ହେବାପରେ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## କାର୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**ପରଜଙ୍ଗ, ୫।୨(ସମିସ):** ୫୩ ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଜଟିଆ



ଗ୍ରାମ ବ୍ରାହ୍ମଣୀ ପୁରୁଣା ପୋଲ ଉପରେ କାର୍ ଧକ୍କାରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଯୁବକ ଦ୍ୱୟ ଏକ ବାଇକ୍‌ରେ ତାଳଚେର ଆଡୁ ପରଜଙ୍ଗ ଅଭିମୁଖେ ଯାଉଥିବା ବେଳେ ବ୍ରାହ୍ମଣୀ ନଦୀ ନୂଆ ପୋଲ ଭାରୀଯାନ ସମ୍ପୂର୍ଣ୍ଣ ଭାବେ ଜାମ୍ ଥିବାରୁ କାର ପୁରୁଣା ପୋଲ ଉପରେ ତାଳଚେର ଆଡ଼କୁ ଯାଉଥିଲା। ପୋଲ ଉପରେ ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇ ଯୁବକ ଗୁରୁତର ଅବସ୍ଥାରେ ପଡ଼ିଯାଇଥିଲେ। ସରାଙ୍ଗ ଫାଣ୍ଡି ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୁଲିସ ଉଭୟ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।

## ଜିଲ୍ଲାସ୍ତରୀୟ ପ୍ରାଣୀ କଲ୍ୟାଣ ପକ୍ଷ ପାଳିତ

**ଗଁଦିଆ, ୫।୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାଣୀ କଲ୍ୟାଣ ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କରମୂଳ ଉଚ୍ଚ ବିଦ୍ୟାଳୟ, ମକୁନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କରମୂଳ ପାଟଣା ପ୍ରାଥମିକ ବିଦ୍ୟାଳୟ, ଭଳିଆକଣ ମଝିପାଳ ପ୍ରାଥମିକ ବିଦ୍ୟାଳୟ, ଆମ୍ବପଡ଼ା ପ୍ରାଥମିକ ବିଦ୍ୟାଳୟ, ଅନୁସୂଚିତ ଜନଜାତି ଆବାସିକ ବିଦ୍ୟାଳୟ, ଐରା ଅନୁସୂଚିତ ଜାତି ଆବାସିକ ବିଦ୍ୟାଳୟ, ଆମ୍ବପଡ଼ା ଐରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୋରଡ଼ାପାଳ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀକାନ୍ତ କୁମାର ପରିଡ଼ା, ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ପ୍ରଶିକ୍ଷକ ଡା. ଦେବୀପ୍ରସାଦ ମିଶ୍ର, ଯୋରନ୍ଦା ପ୍ରାଣୀ ଚିକିତ୍ସକ ଡା. ସୁବ୍ରତ ମାର୍ଥା, କରମୂଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଭଦ୍ରା ବେହେରା, ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଶିକ୍ଷକ ଶଶିଭୂଷଣ ଶତପଥୀ, ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇ ଚିତ୍ରାଙ୍କନଗୁଡ଼ିକୁ ମୂଲ୍ୟାଙ୍କନ କରିଥିଲେ। ଶିକ୍ଷକ ଦୀପକ କୁମାର ସାହୁ, ପ୍ରଭାତ ତରାଇ, ଚନ୍ଦ୍ରଶେଖର ବେହେରା, ଜଳଧର ବେହେରା, ରଞ୍ଜିତ ବେହେରା, ମହେଶ୍ୱର ସାହୁ, ନୃସିଂହ ମଲ୍ଲିକ, ସତ୍ୟବାଦୀ ରାଉତ, କୃଷ୍ଣଚନ୍ଦ୍ର ବେହେରା, ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠରେ ପ୍ରିୟବ୍ରତ ଜେନା ପ୍ରଥମ, ଦେବୀ ସିଧୁ ଦ୍ୱିତୀୟ, ସାମିଲ ବେହେରା ତୃତୀୟ ଓ କନିଷ୍ଠରେ ବୁନୁ ଟୁଡୁ ପ୍ରଥମ, ରାଜଲକ୍ଷ୍ମୀ ପ୍ରଧାନ ଦ୍ୱିତୀୟ, ଆୟୁଷ୍ମାନ ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

**ରାଜ୍ୟ ବିଦ୍ୟୁତ ଉପଭୋକ୍ତା କମିଟି ସହ ସାମିଲ ହେବ ଜିଲ୍ଲା ସଂଘ**

## ଜିଲ୍ଲାବାସୀଙ୍କୁ ନ୍ୟାୟ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ

**ଢେଙ୍କାନାଳ, ୫।୨(ସମିସ):** ଢେଙ୍କାନାଳ ଜିଲ୍ଲା ବିଦ୍ୟୁତ ଉପଭୋକ୍ତା ସଙ୍ଘ ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ସଙ୍ଘ ସହ ସାମିଲ ହୋଇ ଜିଲ୍ଲାବାସୀଙ୍କ ସ୍ୱାର୍ଥପାଇଁ ଲଢ଼ିବ ବୋଲି ଜଣାପଡ଼ିଛି। ଜିଲ୍ଲାବାସୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଲଢ଼େଇ ଜାରିରହିବ ବୋଲି କମିଟି ସଭାପତି କହିଛନ୍ତି।




ଜିଲ୍ଲା ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ତରଫରୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଯୋଗଦେଇ ସଭାପତି ଗୋପାଳ ଚନ୍ଦ୍ର ପାତ୍ର କହିଛନ୍ତି ଯେ ଜିଲ୍ଲାବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରିରହିବ। ପୂର୍ବରୁ ଟାଟା ପାୱାରର ମନମୁଖି କାର୍ଯ୍ୟକୁ ନେଇ ବନ୍ଦ ପାଳନ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହାପରେ ଜିଲ୍ଲାପାଳ ତ୍ରିପାକ୍ଷିକ ବୈଠକ ଡାକି ସମାଧାନ ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଏହା ମଧ୍ୟରେ ରାଜ୍ୟ ସରକାର ସ୍ମାର୍ଟ ମିଟର ପାଇଁ ଟଙ୍କା ଦେବା ସହ ଲଗାଇବାକୁ ଘୋଷଣା କରିଛନ୍ତି। ଏହା ପରେ ମଧ୍ୟ ଟାଟାପାୱାର ତା'ର ମନମାନି ଜାରିରଖିଛି। ସାରା ରାଜ୍ୟରେ ସ୍ମାର୍ଟ ମିଟର ଏବଂ ଟାଟା ପାୱାର ବିରୋଧରେ ଆନ୍ଦୋଳନ ଚାଲୁଥିବା ବେଳେ ଜିଲ୍ଲା ସଙ୍ଘ ରାଜ୍ୟ ସଙ୍ଘ ସହ ସାମିଲ ହୋଇ କାର୍ଯ୍ୟକରିବ ବୋଲି ଘୋଷଣା କରିଛନ୍ତି। ଏହାଦ୍ୱାରା ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ନ୍ୟାଯ୍ୟ ଦାବି ହାସଲ କରାଯିବ ବୋଲି ସେ କହିଛନ୍ତି। ଯଦି କୌଣସି ଉପଭୋକ୍ତା ଟାଟା ପାୱାର ଦ୍ୱାରା ଶୋଷଣ ହେଉଛନ୍ତି ସେ ଓକିଲ ସଙ୍ଘର ଦୃଷ୍ଟି ଆକର୍ଷଣ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। କୌଣସି ଦୋଷ ନ ଥାଇ ଯଦି ଟାଟା ପାୱାର ଏଭଳି କରୁଥିବାରୁ ଦୃଢ଼ ବିରୋଧ କରାଯିବ ବୋଲି କହିଛନ୍ତି।

# ଜବରଦଖଲ ଉଚ୍ଛେଦ ପାଇଁ ଜନଶୁଣାଣି

**ହିନ୍ଦୋଳ, ୫।୨(ସମିସ)**



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଳୋ ଗ୍ରାମରେ ଜଙ୍ଗଲ ଜମି ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କ ଶୁଣାଣି ଅନୁଷ୍ଠିତ ହୋଇଛି। ଉଚ୍ଛେଦ ପାଇଁ ୯୧ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବା ବେଳେ ୧୮ ଜଣ ଅଭିଯୋଗ କରିଛନ୍ତି। ଉଚ୍ଛେଦରୁ ପ୍ରଭାବଶାଳୀ ଗଳା ବାଟ ଖୋଜୁଥିବା ବେଳେ ନିରୀହ ଲୋକେ ବଳିପଡୁଥିବା ଅଭିଯୋଗ ହୋଇଛି।

ପରଜଙ୍ଗ ତହସିଲ କୁଆଳୋ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ କୁଆଳୋ ମୌଜାରେ ଜଙ୍ଗଲ ଦୁଇ କିସମ ଜମି ଜବରଦଖଲ ଉଚ୍ଛେଦ ନେଇ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି)ଙ୍କ ନିର୍ଦ୍ଦେଶକ୍ରମେ ତତ୍ପରତା ପ୍ରକାଶ ପାଇଛି। ଜବରଦଖଲକାରୀଙ୍କୁ କାରଣ ଦର୍ଶାଅ ନୋଟିସ ପରେ ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ଜନଶୁଣାଣି କରିଛନ୍ତି ତହସିଲଦାର। କୁଆଳୋ ମୌଜା ଖାତା ନମ୍ବର-୮୨୪, ପ୍ଲଟ ନମ୍ବର-୩୪୯୩ ଜଙ୍ଗଲ ଦୁଇ କିସମ ରହିଥିବା ବେଳେ ଉକ୍ତ ଜମିର ୦.୧୦ ଏକର ପରିମିତ ସ୍ଥାନରେ ଉକ୍ତ ଗ୍ରାମର ସୁରେଶ ସାହୁ ବୃହତ ଅଟ୍ଟାଳିକା ନିର୍ମାଣ କରିଛନ୍ତି। ଖାଲପାଳ ସଂରକ୍ଷିତ ଜଙ୍ଗଲ ଜମିରେ ପାଉଁଶ ପକାଇ ରାସ୍ତା ନିର୍ମାଣ କରି ନିଜ ହୋଟେଲକୁ ଭାରୀଯାନ ଚଳାଚଳ କରି ଗୋଚର ଜମି ଉପରେ ପାର୍କିଂସ୍ଥଳ କରିବା ନେଇ ଏନଜିଟିଙ୍କ ପାଖରେ ମାମଲା ରୁଜୁ ହୋଇଥିଲା। ଗତ ଜୁଲାଇ ୨୩ରେ ଏନଜିଟି ମାମଲାର ଶୁଣାଣି କରି ଜବରଦଖଲ ଉଚ୍ଛେଦ କରାଯାଇ ଚାରାରୋପଣ କରିବା ନିମନ୍ତେ ଜିଲ୍ଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜଙ୍ଗଲ ଜମି ଏବଂ ପାଖରେ ଥିବା ଅନ୍ୟ ଏକ ଜଙ୍ଗଲ ଜମି ପ୍ଲଟର ଜବରଦଖଲକାରୀଙ୍କୁ ଉଚ୍ଛେଦ ନିମନ୍ତେ ତହସିଲ ପ୍ରଶାସନ ପକ୍ଷରୁ ପାଖାପାଖି ୯୧ ଜଣ ପ୍ରଜାଙ୍କୁ ଗତ ଅକ୍ଟୋବରରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ଏକ ମାସ ମଧ୍ୟରେ କାହିଁକି ଉଚ୍ଛେଦ କରାଯିବ ନାହିଁ ବୋଲି ପଚରା ଯାଇଥିଲା। ତେବେ ତିନି ମାସ ପରେ ୧୮ ଜଣ ଜବରଦଖଲକାରୀଙ୍କୁ ତହସିଲ ପକ୍ଷରୁ ପୁନର୍ବାର ଗତ ମାସ ୨୮ ତାରିଖ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୩ ତାରିଖ ଉପସ୍ଥିତ ରହି ସମସ୍ତ ଦସ୍ତାବିଜ ଦାଖଲ ନିମନ୍ତେ କୁହାଯାଇଥିଲା। ମଙ୍ଗଳବାର ୧୮ ଜଣ ଜବରଦଖଲକାରୀ ଉପସ୍ଥିତ ରହି ତହସିଲଦାରଙ୍କ ପାଖରେ ପତ୍ର ମାଧ୍ୟମରେ ଦୀର୍ଘ ବର୍ଷ ହେବ ରହୁଥିବା ନେଇ ସ୍ପଷ୍ଟୀକରଣ କରିଥିଲେ। ପରମହଂସପୁର ଗ୍ରାମ୍ୟ କମିଟି ସଭାପତିଙ୍କ ଗ୍ରାମସଭା ପତ୍ର ତହସିଲ କାର୍ଯ୍ୟାଳୟରେ ଦାଖଲ କରିଥିଲେ ମଧ୍ୟ ଦୀର୍ଘ ଦୁଇ ବର୍ଷ ମଧ୍ୟରେ ଉକ୍ତ ଗ୍ରାମର ସଭାପତି ଭାବେ ତିନି ତିନି ଜଣ ରହିଥିବାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଜବରଦଖଲ ଉଚ୍ଛେଦରୁ ବଞ୍ଚିତ କରିବାକୁ ଏପରି ପ୍ରୟାସ ହେଉଥିବା ଅଭିଯୋଗ ହେଉଛି। ଏନ୍‌ଜିଟିଙ୍କ ନିକଟରେ ହୋଇଥିବା ମାମଲାରେ ଜବରଦଖଲକାରୀ ନିଜକୁ ସୁରକ୍ଷିତ ରଖିବା ପାଇଁ ୦.୧୦ ଏକର ଜମି ଏବଂ ଅଟ୍ଟାଳିକାକୁ ଜଣେ ଅନୁସୂଚିତ ଜନଜାତି ମହିଳାଙ୍କ ନାମରେ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ପଟ୍ଟା ପ୍ରଦାନ ନିମନ୍ତେ ଜିଲାସ୍ତରୀୟ କମିଟିକୁ ଆବେଦନ କରିଥିବା ଜଣାପଡ଼ିଛି। ସେହିପରି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଭାଇ ଉକ୍ତ ପଞ୍ଚାୟତର ଲୋକପ୍ରତିନିଧି ଥିବା ବେଳେ କିଛି ମୁଷ୍ଟିମେୟ ଅନୁସୂଚିତ ଜନଜାତି ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦେବାକୁ ପ୍ରଲୋଭନ ଦେଖାଇ ପଲ୍ଲୀସଭା କରାଇ ନିଜ ଭାଇଙ୍କ ଅଟ୍ଟାଳିକା ଉଚ୍ଛେଦରୁ ବାଦ୍ ଦେବା ପାଇଁ ଅଭିନବ ଉପାୟ ଅବଲମ୍ବନ କରୁଥିବା ଦେଖାଯାଇଛି। ଏଥିପ୍ରତି ଜିଲ୍ଲାପାଳ, ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ୟୁଥ୍ ୟୁନାଇଟେଡ୍ ଫର୍ ସଷ୍ଟେନ୍ଷ୍ଟେୱଲ ଏନଭର୍ଣ୍ଣମେଣ୍ଟ ଟ୍ରଷ୍ଟ ପକ୍ଷରୁ ଦାବି ହୋଇଛି। ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି କହିଛନ୍ତି।

